# ବିସ୍ଥାପନ ସମସ୍ୟାରେ ଜର୍ଜରିତ ଦେଓଗଡ ଜିଲ୍ଲାର ଜନସାଧାରଣଙ୍କ ତରଫରୁ ଅବୈଧାନିକ ଓ ଜନବିରୋଧି 'ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତ-୨୦୦୬' ଉପରେ ଓଡିଶାର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ।

ମାନନୀୟ ଶ୍ରୀଯୁକ୍ତ ରାଜ୍ୟପାଳ, ଓଡିଶା ମହୋଦୟ . . . . . . . . . . . . . . . . ସମୀପେଷୁ ।

*ପ୍ରସଙ୍ଗ: ନବପ୍ରବର୍ତ୍ତୀତ ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୬କୁ ପ୍ରତ୍ୟାହାର କରି ବ୍ୟାପକ ଜନବିତର୍କ ଭିତ୍ତିରେ ବିସ୍ଥାପିତ ପରିବାରମାନଙ୍କୁ ସୁହାଇବା ଭଳି ଏକ ଉପଯୁକ୍ତ ରାଜ୍ୟ ବିସ୍ଥାପନ ନୀତି ପ୍ରଣୟନ କରାଯାଉ ।*

ମହାଶୟ,

ଆପଣ ଜାଣିଥିବେ, ଓଡିଶାର ଏକ କ୍ଷୁଦ୍ରତମ ଜିଲ୍ଲା ଦେଓଗଡ ଦାରିଦ୍ର୍ୟ ଓ ଅନଗ୍ରସରତା ଦୃଷ୍ଟିରୁ ମଧ୍ୟ ରାଜ୍ୟର ଅନ୍ୟ ଅଞ୍ଚଳମାନଙ୍କ ତୁଳନାରେ ବହୁତ ପଛରେ ପଡିଛି । କିନ୍ତୁ ବିଡମ୍ବନାର ବିଷୟ ଏହିକି ଯେ, ଏହି ଅଞ୍ଚଳ ସ୍ୱାଧୀନତା ପରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ଯୋଗୁଁ ବାସଚ୍ୟୁତ ହୋଇଥବା ଲୋକଙ୍କର ଆଶ୍ରୟସ୍ଥଳରେ ପରିଣତ ହୋଇଛି । ସୁଦୂର ଅତୀତର ହୀରାକୁଦ ବନ୍ଧ, ରାଉରକେଲା ଇସ୍ପାତ କାରଖାନା ଏବଂ ତାଳଚେର ତାପଜ-ବିଦ୍ୟୁତ କେନ୍ଦ୍ର ଇତ୍ୟାଦି ବୃହତ୍ ପ୍ରକଳ୍ପଗୁଡିକ ଦ୍ୱାରା ବାସଚ୍ୟୁତ ହୋଇଥିବା ଅଥଚ ଏପର୍ଯ୍ୟନ୍ତ ଠିକ୍‌ରୂପେ ଥଇଥାନ ହୋଇ ପାରିନଥିବା ବହୁ ବିସ୍ଥାପିତ ପରିବାର ଏହି ଜିଲ୍ଲାର ବିଭିନ୍ନ ସ୍ଥାନରେ ଭାଗ୍ୟକୁ ଆଦରି ମୁଣ୍ଡ ଗୁଞ୍ଜିଛନ୍ତି । ଏହାଛଡା, ଖୋଦ୍ ଏହି ଜିଲ୍ଲାରେ ବିଗତ ସତୁରି ଦଶନ୍ଧିରେ କାର୍ଯ୍ୟକାରୀ ହୋଇଥିବା ରେଙ୍ଗାଲି ଓ ଗୋହିରା ନଦୀବନ୍ଧ ଯୋଜନା ଯୋଗୁଁ ବିସ୍ଥାପିତ ହୋଇଥିବା ପରିବାରମାନଙ୍କ ଭିତରୁ ଅଧିକାଂଶ ଏବେବି ଡହଳବିକଳ ଅବସ୍ଥାରେ ଘୁରି ବୁଲୁଛନ୍ତି । ସେମାନଙ୍କ ବକେୟା ନ୍ୟାଯ୍ୟ ପ୍ରାପ୍ୟ ମିଳିବା ବାବଦରେ ସରକାରଙ୍କ ପାଖରେ ଯେତେପ୍ରକାର ହାରିଗୁହାରି କଲେ ବି ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନି ।

ଅତୀତରେ ବାସଚ୍ୟୁତ ହୋଇଥିବା ପରିବାରମାନଙ୍କ ଥଇଥାନ ସମସ୍ୟା ପ୍ରତି ଆଖି ବୁଜି ଦେଇ ରାଜ୍ୟ ସରକାର ନିକଟ ଅତୀତରେ 'ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୬' ନାମରେ ସାରା ରାଜ୍ୟ ପାଇଁ ଏକ ସମଗ୍ରୀକ ନୂଆ ନୀତି ଘୋଷଣା କରିଛନ୍ତି । ଏହାକୁ ଆମ୍ଭେ ଅଧ୍ୟୟନ କଲାପରେ ଜାଣିବାକୁ ପାଇଲୁ ଯେ, ସରକାର ବର୍ତ୍ତମାନ ଯେଉଁସବୁ ପ୍ରକଳ୍ପପାଇଁ ଆଗାମୀ ଦିନରେ ଜମି ଅଧିଗ୍ରହଣ କରିବାକୁ ଯାଉଛନ୍ତି, ଏହା କେବଳ ସେଗୁଡିକ ପାଇଁ ପ୍ରଯୁଜ୍ୟ, କିନ୍ତୁ ଯେଉଁମାନେ ଅତୀତରେ ବିସ୍ଥାପିତ ହୋଇଛନ୍ତି ଅଥଚ ଏପର୍ଯ୍ୟନ୍ତ ଥଇଥାନ ହୋଇ ପାରିନାହାନ୍ତି, ସେମାନଙ୍କ ବିଷୟରେ ଏହି ନୀତିଟିରେ କିଛି ବ୍ୟବସ୍ଥା ନାହିଁ । ଅର୍ଥାତ୍, ଏହି ନୀତିଟି କାର୍ଯ୍ୟକାରୀ ହେଲେ ଅତୀତର ବିସ୍ଥାପିତ ଲୋକଙ୍କ ଭାଗ୍ୟରେ ସବୁଦିନ ପାଇଁ ଡୋରି ବନ୍ଧା ହୋଇଯିବ, ଏଥିରେ ସନ୍ଦେହ ନାହିଁ ।

ଏହାକୁ ଆମ୍ଭେ ଅଧ୍ୟୟନ କଲାପରେ ଜାଣିବାକୁ ପାଇଲୁ ଯେ, ଏହା ଏକ ଦୁର୍ବୋଧ ଓ ଜଟିଳ ଦଲିଲ୍, ଯାହାକୁ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି ମଧ୍ୟ ଠିକ୍ ରୂପେ ବୁଝି ପାରିବ ନାହିଁ, ସାଧାରଣ ଲୋକେ ବୁଝିବା ଦୂରର କଥା । ଦ୍ୱିତୀୟତଃ, ଏହି ନୀତିରେ ବହୁ ପରସ୍ପର ବିରୋଧି ବ୍ୟବସ୍ଥାମାନ ଥିବାରୁ ଏହା ମୋଟେ କାର୍ଯ୍ୟକାରୀ ହୋଇ ପାରିବ କି ନା ସନ୍ଦେହ ! ତୃତୀୟତଃ, ବିସ୍ଥାପିତ ଲୋକଙ୍କ ଅଧିକାର ସମ୍ବନ୍ଧରେ ଏଥିରେ ଥିବା ପ୍ରତି ବ୍ୟବସ୍ଥା ଏତେ ବେଶୀ ସର୍ତ୍ତବହୁଳ ଯେ, କୌଣସିଟି ଅଧିକାର ବାସ୍ତବରେ ହାସଲ ହୋଇ ପାରିବ ବୋଲି ବିଶ୍ୱାସ କରିହେଉନି । ଚତୁର୍ଥତଃ, ପୂର୍ବରୁ ଯେଉଁସବୁ ଦାବୀ ଓ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ବିସ୍ଥାପିତ ଲୋକେ ଆଇନତଃ ଅଦାଲତର ଆଶ୍ରୟ ନେଇ ପାରୁଥିଲେ, ବର୍ତ୍ତମାନର ନୀତି ଲାଗୁ ହେବା ପରେ ତହିଁର ସୁଯୋଗ ମଧ୍ୟ ପୂରାପୂରି ଲୋପପାଇବ ବୋଲି ଆମର ଆଶଙ୍କା । ପଞ୍ଚମତଃ, ଏହି ନୀତିର ବ୍ୟବସ୍ଥାଗୁଡ଼ିକ ଏପରି ଭାବରେ ତିଆରି କରାଯାଇଛି ଯେ, କି ଭୂମିବାନ୍ କି ଭୂମିହୀନ, କୌଣସି ବିସ୍ଥାପିତ ବ୍ୟକ୍ତି ଏହା ଫଳରେ ସୁନିର୍ଦ୍ଦିଷ୍ଟ ପ୍ରାପ୍ୟ ପାଇ ପାରିବେ ନାହିଁ । ସର୍ବୋପରି, ଏହି ନୀତି ଅନୁଯାୟୀ ରାଜ୍ୟସରକାର ଲୋକଙ୍କଠାରୁ ଜମି ଅଧିଗ୍ରହଣ କରିବେ ବୋଲି ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ଥିବାବେଳେ ବିସ୍ଥାପିତ ଲୋକଙ୍କ ପୁନର୍ବାସ ଓ ପୁନଃସଂସ୍ଥାନ ପାଇଁ ସରକାର ନିଜେ ଉତ୍ତରଦାୟୀ ନରହି ପ୍ରକଳ୍ପ କର୍ତ୍ତୃପକ୍ଷ (ଯେଉଁମାନେ ଦେଶୀ ବା ବିଦେଶୀ ଘରୋଇ କମ୍ପାନୀ ହୋଇପାରନ୍ତି)ଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ବିସ୍ଥାପିତ ଲୋକେ ଏହି ଘରୋଇ ସଂସ୍ଥାମାନଙ୍କଠାରୁ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ କିପରି ହାସଲ କରିପାରିବେ, ତହିଁର ଅବତାରଣା ଏହି ନୀତିରେ ମୋଟେ ନାହିଁ ।

ବିସ୍ଥାପିତ ଲୋକମାନଙ୍କ ଥଇଥାନର ସ୍ୱାର୍ଥ ଦୃଷ୍ଟିରୁ ତଥା ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆମେ ଉପରୋକ୍ତ ରାଜ୍ୟ ନୀତିର କେତେକ ବିପଜ୍ଜନକ ଦିଗ ପ୍ରତି ଆମେ ନିମ୍ନ ମତେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁ ।

୧. **Type-A Industrial Project** ବା ଶିଳ୍ପ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ଲୋକଙ୍କୁ 'ଜମି ବଦଳରେ ଜମି' କିମ୍ବା 'ଜମି ବଦଳରେ ଆନୁପାତିକ କ୍ଷତିପୂରଣ' ଦେବାର ବ୍ୟବସ୍ଥା ପ୍ରସ୍ତାବିତ ରାଜ୍ୟ ବିସ୍ଥାପନ ନୀତିରେ ମୋଟେ ନାହିଁ । [ ଦ୍ରଷ୍ଟବ୍ୟ ଧାରା ୮(୧) ]

୨. ପ୍ରସ୍ତାବିତ ନୀତିରେ 'ବସ୍ଥାପିତ ପରିବାର' ସଂଜ୍ଞାକୁ ଅତୀବ ସଙ୍କୁଚିତ କରାଯାଇ କେବଳ ଘରଡ଼ିହ **(homestead)** ହରାଉଥିବା ପରିବାରକୁ ବିସ୍ଥାପିତ ପରିବାର ବୋଲି କୁହାଯାଇଛି । ଅର୍ଥାତ୍ ଚାଷଜମି ଓ କୌଣସି ପେଷା ହରାଉଥିବା ପରିବାର ଏହି ନୀତି ଅନୁଯାୟୀ ବିସ୍ଥାପିତ ପରିବାର ବୋଲି ବିବେଚିତ ହେବେ ନାହିଁ କିମ୍ବା ବିସ୍ଥାପନ କାରଣରୁ ପୁନର୍ବାସ ଓ ପୁନଃସଂସ୍ଥାନର ସୁଯୋଗର ହକ୍‌ଦାର ହୋଇପାରିବେ ନାହିଁ । [ଦ୍ରଷ୍ଟବ୍ୟ ଧାରା ୨(ଡ଼ି)]

୩. ପରିବାରର ସଂଜ୍ଞାକୁ ପରିବର୍ଦ୍ଧନ କରାଯାଇ ଧାରା ୨ (ଏଫ୍)ରେ କୁହାଯାଇଛି ଯେ, ୫ ପ୍ରକାର ବ୍ୟକ୍ତି (ସାବାଳକ ପୁଅ, ୩୦ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ଝିଅ, ଶାରିରୀକ କି ମାନସିକ ଦୃଷ୍ଟିରୁ ପଙ୍ଗୁ, ନାବାଳକ ଅନାଥ ପିଲା, ବିଧବା କି ଛାଡ଼ପତ୍ର ନେଇଥିବା ମହିଳା) ଗୋଟିଏ ଏକାନ୍ନ ପରିବାର ମଧ୍ୟରେ ରହୁଥିଲେ ବି ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ରଭାବେ 'ପରିବାର' ବୋଲି ମାନ୍ୟତା ଦିଆଯିବ ଓ ପ୍ରତ୍ୟେକଙ୍କୁ ଅଲଗା ଅଲଗା ଭାବେ ପୁନର୍ବାସ ଓ ପୁନଃସଂସ୍ଥାନ ସୁଯୋଗ ମିଳିବ । କିନ୍ତୁ ସେହି ନୀତିର ଅନ୍ୟ ଏକ ସ୍ଥାନରେ କୁହାଯାଇଛି ଯେ, ଶିଳ୍ପ ପ୍ରକଳ୍ପ ଜନିତ ବିସ୍ଥାପିତ ପରିବାରଙ୍କୁ

ନିଯୁକ୍ତି ସହାୟତା ବାବଦ ଏକକାଳୀନ ଅର୍ଥରାଶି ପ୍ରଦାନ କ୍ଷେତ୍ରରେ କେବଳ ମୂଳ ଏକାନ୍ନ ପରିବାରର ମାତ୍ର ଜଣଙ୍କୁ ହିଁ ଏହା ଦିଆଯିବ । [ଦ୍ରଷ୍ଟବ୍ୟ ଧାରା ୮(୧ ଏ)]

**୪.** ଏହି ନୀତିରେ ଭୂମିହୀନ ଓ ଘରଡ଼ିହହୀନ ଜବରଦଖଲକାରୀ ପରିବାରମାନଙ୍କୁ ଜମି ଓ ବାସଗୃହ ବାବଦ କଛି ସୁବିଧା ମିଳିବ ବୋଲି କୁହାଯାଇଛି କିନ୍ତୁ, ଏଭଳି ପରିଭାଷାରେ ଏବଂ ସର୍ତ୍ତସାପେକ୍ଷ କରି ଏହାକୁ ଲେଖାଯାଇଛି ଯେ, କୌଣସି ଭୂମିହୀନ କି ଘରଡ଼ିହହୀନ ଲୋକେ ଏହି ସୁବିଧା ମୋଟେ ପାଇପାରିବେ ନାହିଁ । ପ୍ରଥମତଃ, ଏଥିରେ କୁହାଯାଇଛି ଯେ, ଓଡ଼ିଶା ଜମି ଜବରଦଖଲ ପ୍ରତିଷେଧ ଆଇନ୍ ୧୯୭୨ ଅନୁଯାୟୀ ଯିଏ ଭୂମିହୀନ ଓ ଘରଡ଼ିହହୀନ ବୋଲି ବିବେଚିତ ହେବେ, ସେମାନଙ୍କୁ ଏହି ସୁବିଧା ମିଳିବ । ଦ୍ୱିତୀୟତଃ, ଦୀର୍ଘ ଦଶବର୍ଷ ଧରି ସେ ଜବରଦଖଲ ସ୍ଥାନକୁ ନିଜ ଆୟତ୍ତରେ ରଖିଥିବେ । ତୃତୀୟତଃ ଏବଂ ସର୍ବୋପରି ତାଙ୍କର ଜବରଦଖଲ 'ଆପତ୍ତିଜନକ' **(Objectionable)** ହୋଇ ନଥିବ । ଯଦି ଏହିସବୁ ସର୍ତ୍ତକୁ ସେ ପୂରଣ କରୁଥିବେ, ତେବେ ତାଙ୍କୁ ଚାଷଜମି ବାବଦରେ ସର୍ବୋଚ୍ଚ ୧ ଏକର ଓ ଘରଡ଼ିହ ବାବଦରେ ଯଥାକ୍ରମେ ଗ୍ରାମାଞ୍ଚଳ ବା ସହରାଞ୍ଚଳରେ ୧୦ ଡ଼ିସିମିଲ୍ ବା ୪ ଡ଼ିସିମିଲ୍ କ୍ଷତିପୂରଣ ମିଳିବ । ପୁଣି ସେହି ବ୍ୟକ୍ତିଙ୍କର ଯଦି ଅନ୍ୟତ୍ର କେଉଁଠି ରୟତି ଜମି ଥାଏ, ତେବେ ଉପରୋକ୍ତ ଜମି ବା ଘରଡ଼ିହର ପରିମାଣ ମୋଟେ ମିଳି ନପାରେ ବା ଆଂଶିକ ମିଳିପାରେ । ସୁତରାଂ, ଆମର ଆଶଙ୍କା ହେଉଛି, ଏତେସବୁ ସର୍ତ୍ତ ପାଳନ କରିବା ଗୋଟିଏ ଭୂମିହୀନ ଓ ଘରଡ଼ିହହୀନ ବିସ୍ଥାପିତ ବ୍ୟକ୍ତି ପକ୍ଷେ ସମ୍ଭବ ନୁହେଁ ଏବଂ ଏବଂ ପରିଣାମତଃ ସେ ଏହି ନୀତି ଫଳରେ ମୋଟେ କିଛି ପାଇନପାରେ । (ଦ୍ରଷ୍ଟବ୍ୟ ଧାରା-୯)

**୫.** ଧାରା ୭(୨) ରେ କୁହାଯାଇଛି ଯେ, ପୁନଃସଂସ୍ଥାନ କାର୍ଯ୍ୟ ଶେଷ ନହେବା ଯାଏ, କୌଣସି ପରିବାରଙ୍କୁ ବିସ୍ଥାପିତ କରାଯିବନି, କିନ୍ତୁ ପୁଣି ଧାରା ୭(୫) ରେ କୁହାଗଲା ଯେ, ନିଜ ଜମିକୁ ଛାଡ଼ିଦେଲା ପରେ ହିଁ ବିସ୍ଥାପିତ ପରିବାର ମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିବ । ପୁଣି ୭(୨)ରେ କୁହାଯାଇଛି ଯେ, ବିସ୍ଥାପିତ ଲୋକମାନଙ୍କ ପୁନର୍ବାସ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି କି ନାହିଁ, ସେ ବିଷୟରେ କେବଳ ଜିଲ୍ଲାପାଳ ହିଁ ପ୍ରମାଣ-ପତ୍ର ଦେବେ । କିନ୍ତୁ ବିସ୍ଥାପିତ ଲୋକଙ୍କ ଠାରୁ ଏ ବିଷୟରେ ପ୍ରମାଣ ନେବାର କୌଣସି ବ୍ୟବସ୍ଥା ଏହି ନୀତିରେ ନାହିଁ ।

**୬.** ଏହି ନୀତିରେ ଗୋଟିଏ ପଟରେ କୁହାଯାଇଛି ଯେ, ଜମିଚାହୁଁଥିବା ପ୍ରକଳ୍ପ କର୍ତ୍ତୃପକ୍ଷ ବା କମ୍ପାନୀ ସିଧାସଳଖ ସମ୍ପୃକ୍ତ ଭୂମିବାନ୍ ପରିବାରଙ୍କ ସହ ଦରକଷାକଷି ମାଧ୍ୟମରେ ଜମି କିଣି ପାରନ୍ତି । କିନ୍ତୁ ପୁଣି ତା'ପରେ କୁହାଯାଇଛି ଯେ, ଯଦି ଏହି ପାରସ୍ପରିକ ମୂଲଚାଲ ବିଫଳ ହୁଏ, ତେବେ ସରକାର ନିଜେ ପ୍ରଚଳିତ ଆଇନ୍ ଅନୁଯାୟୀ ଜମି ଅଧିଗ୍ରହଣ କରିବେ । ପ୍ରଶ୍ନ ଉଠୁଛି, ପ୍ରଥମ ପଦ୍ଧତି ହିଁ ବର୍ତ୍ତମାନର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ସମୁଚିତ ପଦ୍ଧତି ବୋଲି ମନେ ହେଉଥିବା ବେଳେ, ପୁଣି ସରକାର ନିଜେ ଜମି ଅଧିଗ୍ରହଣ କରିବେ ବୋଲି କାହିଁକି ନିୟମ ରଖାଯାଇଛି ? (ଦ୍ରଷ୍ଟବ୍ୟ-ଧାରା ୬)

**୭.** ଏହି ନୀତିରେ କୁହାଯାଇଛି ଯେ, ନିର୍ଦ୍ଦିଷ୍ଟ-ସମୟ ସୀମା ଭିତରେ ଅଧିଗୃହୀତ ଜମି ସମ୍ପୃକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ବ୍ୟବହୃତ ହୋଇ ନପାରିଲେ ତାହା ପୁଣି 'ଫେରିଯିବ' (ଇଂରାଜୀରେ **Resumed**) । କିନ୍ତୁ ଏହି ଜମି କାହା ପାଖକୁ ଫେରିବ ? ସରକାରଙ୍କ ପାଖକୁ ନା ଜମିମାଲିକ ପାଖକୁ ? ଯେଉଁ ଭାଷାରେ ଏହା ଲେଖାଯାଇଛି, ତାହାର ଅର୍ଥ ଅନେକ ହୋଇପାରେ । ନୀତି ସ୍ୱତନ୍ତ୍ର ଓ ସ୍ପଷ୍ଟ ଭାବେ କହିବା ଦରକାର ଯେ, ଅବ୍ୟବହୃତ ଜମି ପୁଣି ମୂଳ ଜମିମାଲିକ ପାଖକୁ ଫେରିଯିବ । (ଦ୍ରଷ୍ଟବ୍ୟ-ଧାରା ୬)

୮. ଏହି ନୀତିରେ ପ୍ରତି ଶିଳ୍ପପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଛି । କିନ୍ତୁ ପୁଣି କୁହାଯାଇଛି, ପ୍ରକଳ୍ପ କର୍ତ୍ତୃପକ୍ଷ ବା ସମ୍ପୃକ୍ତ କମ୍ପାନୀ କୌଣସି ଲିଖିତ କାରଣ ଦର୍ଶେଇ ନିଯୁକ୍ତି ଦେଇ ନପାରନ୍ତି । ତା'ପରେ ପୁଣି କୁହାଯାଇଛି, ନିଯୁକ୍ତି ନ ଦେଇ ପାରିଲେ ଏକକାଳୀନ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହି ଉଦ୍ଦେଶ୍ୟରେ ବିସ୍ଥାପିତ ପରିବାରମାନଙ୍କୁ ୫ ଭାଗରେ ବିଭକ୍ତ କରାଯାଇଛି, ଯଥା - ୧) ଘରଡ଼ିହ ଓ ସମସ୍ତ ଜମି ହରାଉଥିବା, (୨) ଘରଡ଼ିହ ଓ ଦୁଇ ତୃତୀୟାଂଶ ଜମି ହରାଉଥିବା, (୩) ଘରଡ଼ିହ ଓ ଏକ ତୃତୀୟାଂଶ ଜମି ହରାଉଥିବା, (୪) ଜମିକୁ ଛାଡ଼ି କେବଳ ଘରଡ଼ିହ ହରାଉଥିବା, ଏବଂ (୫) ଘରଡ଼ିହକୁ ଛାଡ଼ି କେବଳ ଜମି ହରାଉଥିବା । ପ୍ରଥମ ୩ ପ୍ରକାର ପରିବାର ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ ଓ ୨ ଲକ୍ଷ ଟଙ୍କା ହିସାବରେ ପାଇବେ ଏବଂ ଶେଷୋକ୍ତ ୨ ପ୍ରକାରର ପରିବାର ପ୍ରତ୍ୟେକ ଏକ ଲକ୍ଷ ଟଙ୍କା ହିସାବରେ ପାଇବେ । ଏହି ବ୍ୟବସ୍ଥା ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଘରଡ଼ିହ ହରାଉନଥିବ, ଅଥଚ ୫ ଏକର, କି ୩ ଏକର, କି ୨ ଏକର ଚାଷ ଜମି ହରାଉଥିବ, ସେ ମାତ୍ର ଏକଲକ୍ଷ ଟଙ୍କା ପାଇବ । ସେହିପରି ପ୍ରଥମ ଶ୍ରେଣୀର ପରିବାର କ୍ଷେତ୍ରରେ, ଜଣେ ବ୍ୟକ୍ତି ଯେତେ ପରିମାଣର ଘରଡ଼ିହ ଏବଂ ଚାଷଜମି ହରାଉ ଥାଉନା କାହିଁକି (୫ ଏକର, ୩ ଏକର କି ୨ ଏକର), ସେ ମୋଟ ୫ ଲକ୍ଷ ଟଙ୍କା ପାଇବ । ଏକେତ ଏହି ଅର୍ଥ ପରିମାଣ ଅତ୍ୟନ୍ତ ସ୍ୱଳ୍ପ, ଅନ୍ୟପଟରେ ଏହି ଅର୍ଥ ପରିମାଣ ଗୋଟିଏ ପରିବାର ହରାଉଥିବା ଘରଡ଼ିହ କି ଚାଷଜମିର ପରିମାଣ ସହ ସମାନୁପାତିକ ନୁହେଁ । ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପରିବାରମାନଙ୍କ ପାଇଁ ମଧ୍ୟ ଏ ପ୍ରକାର 'ଧୂଆ ମୂଳା, ଅଧୁଆ ମୂଳା' ନୀତି ପ୍ରଯୁଜ୍ୟ । ଏହି ନୀତିରେ 'ଜମି ବଦଳରେ ଜମି' କି 'ଜମି ବଦଳରେ ଆନୁପାତିକ କ୍ଷତିପୂରଣ' ବ୍ୟବସ୍ଥା ଶିଳ୍ପ-ପ୍ରକଳ୍ପ ବିସ୍ଥାପିତ ପରିବାର ମାନଙ୍କ ପାଇଁ ନାହିଁ । ସୁତରାଂ ଯିଏ ଯେତେ ଘରଡ଼ିହ ଓ ଚାଷଜମି ହରାଉ ଥାଉନା କାହିଁକି, ତାଙ୍କୁ ଏକକାଳୀନ ନିଯୁକ୍ତି ସହାୟତା ନାଁରେ କେବଳ ୫ ଲକ୍ଷ, ୩ ଲକ୍ଷ, ୨ ଲକ୍ଷ ଓ ୧ ଲକ୍ଷ ଟଙ୍କା ଦେଇ ବିଦା କରିଦେବା ବ୍ୟବସ୍ଥା ଏହି ନୀତିରେ ରଖାଯାଇଛି, ଯାହାକି ଯେ କୌଣସି ଶ୍ରେଣୀର ଚାଷୀ ପରିବାର ପାଇଁ ମୋଟେ ଗ୍ରହଣୀୟ ନୁହେଁ । [ଦ୍ରଷ୍ଟବ୍ୟ ଧରା ୮(୧)]

୯. ଏହି ନୀତିରେ କୁହାଯାଇଛି ଯେ, ପୁନର୍ବାସ ଓ ପୁନଃସଂସ୍ଥାନ ଯୋଜନା ପ୍ରଣୟନ ପରିପ୍ରେକ୍ଷିରେ 'ଗ୍ରାମସଭା' ସହ ପରାମର୍ଶ ବା **Consultation** କରାଯିବ [ଦ୍ରଷ୍ଟବ୍ୟ ଧାରା ୭(୩)]। କିନ୍ତୁ ପୁଣି ସେଥିରେ କୁହାଯାଇଛି ଯେ, କେବଳ ସରକାରଙ୍କ ନିୟମ ପରିସର ଭିତରେ ହିଁ ସୀମିତ ରହି, ଏହି ନୀତିର ବ୍ୟବସ୍ଥାମାନ କାର୍ଯ୍ୟାନ୍ୱୟନ କରାଯିବ [ଦ୍ରଷ୍ଟବ୍ୟ ଧାରା ୭(୬)] । 'ପରାମର୍ଶ'ର ମାନେ କ'ଣ ? ଯେଉଁଠି ଗ୍ରାମବାସୀମାନେ ପୁରାପୁରି ବା ସଂଖ୍ୟାଗରିଷ୍ଠ ଭାବେ ତଥାକଥିତ ପୁନର୍ବାସ ଓ ପୁନଃସଂସ୍ଥାନ ଯୋଜନାକୁ ନାପସନ୍ଦ କରିବେ ବା ଅଯଥେଷ୍ଟ ବୋଲି ମନେ କରିବେ, ସେପରି ସ୍ଥଳେ ସରକାର ଗ୍ରାମବାସୀଙ୍କ ଇଚ୍ଛାକୁ ସମ୍ମାନ ଦେବେ କି ? ପ୍ରସ୍ତାବିତ ରାଜ୍ୟ ବିସ୍ଥାପନ ନୀତିରେ ଏହାର ସୁସ୍ପଷ୍ଟ ଦିଗନିର୍ଦ୍ଦେଶ ରହିବା ବିଧେୟ ।

**୧୦. କ୍ଷତିପୂରଣ ବା compensation ର ସଂଜ୍ଞା ଦିଆଯାଇ ଧାରା ୨(ବି) ରେ କୁହାଗଲା ଯେ, ଏହାର ଅର୍ଥ ଜମି ଅଧିଗ୍ରହଣ ଆଇନ୍ ୧୮୯୪ ଅନୁଯାୟୀ ବୁଝାଯିବ । ଏହି ଅର୍ଥ ଅନୁଯାୟୀ ଉପରୋକ୍ତ ଆଇନ୍‌ର ଧାରା ୨୩ ବଳରେ ଜଣେ ବିସ୍ଥାପିତ ବ୍ୟକ୍ତି ନିଜ ଜମିର ବଜାର ମୂଲ୍ୟ ସହିତ ଆହୁରି ୫ ପ୍ରକାର କ୍ଷତିଭରଣା ଦାବୀ କରିପାରିବ । ଏହାଛଡା ଜମିର ମୋଟ ବଜାରମୂଲ୍ୟର ଶତକଡା ୩୦ ଭାଗ ଅର୍ଥ ତାଙ୍କୁ ଏକକାଳୀନ ସାନୁଗ୍ରହ ରାଶି (ex gratia) ଭାବେ ମିଳିବ । ପୁଣି ଯେଉଁ ତାରିଖରେ ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା, ସେହି ତାରିଖରୁ ଆରମ୍ଭ କରି ଯେଉଁ ତାରିଖରେ ଜିଲ୍ଲାପାଳ ସେହି ଜମିକୁ ନଜ ଅକ୍ତିଆରକୁ ନେଲେ ସେହି ତାରିଖ ପର୍ଯ୍ୟନ୍ତ ସମୁଦାୟ ସମୟ-ଅବଧି ପାଇଁ ମୂଳ ବଜାର ମୂଲ୍ୟ ଉପରେ**

**ବର୍ଷକୁ ଶତକଡା ୧୨ ହାରରେ ସୁଧ ମିଳିବ । କିନ୍ତୁ ନୂତନ ରାଜ୍ୟ ବିସ୍ଥାପନ ନୀତିର ଧାରା ୬ରେ ପୁଣି କୁହାଗଲା ଯେ, ଜଣେ ବ୍ୟକ୍ତିର ଜମି ଓ ସମ୍ପତ୍ତି ଅଧିଗ୍ରହଣ ତଥା ଏ ବାବଦରେ କ୍ଷତିପୂରଣ ଦେବା ବ୍ୟାପାରରେ କେବଳ 'ସରକାରଙ୍କ ଦ୍ୱାରା ବିହିତ ହୋଇଥିବା' ପଦ୍ଧତି ହିଁ ଅନୁସୃତ ହେବ । ଏହି ନୀତି ପରିପ୍ରେକ୍ଷିରେ 'ସରକାର' ବୋଇଲେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ (ଦ୍ରଷ୍ଟବ୍ୟ- ଧାରା ୨ଜି) । ସୁତରାଂ ଏଭଳି ଆଶଙ୍କା ଜନ୍ମିବା ସ୍ୱାଭାବିକ ଯେ, ପୂର୍ବରୁ ବିଭିନ୍ନ ପ୍ରକାର କ୍ଷତିପୂରଣ ପାଇଁ ଫେରାଦ୍ ହେବାର ଯେତିକି ସୀମିତ ସୁଯୋଗ ବିସ୍ଥାପିତମାନଙ୍କ ହାତରେ ଥିଲା, ତାହା ନୂତନ ନୀତି ବଳରେ ସଂପୂର୍ଣ୍ଣ ରୂପେ ଲୋପ ପାଇବାକୁ ଯାଉଛି ।**

**୧୧.** 'ମୂଳ ତାରିଖ' ବା **Cut-off date** କୁ ସୁନିର୍ଦ୍ଦିଷ୍ଟ ଓ ସୁସ୍ପଷ୍ଟ କରିବା ନାଁରେ ପ୍ରସ୍ତାବିତ ବିସ୍ଥାପନ ନୀତି ଧାରା ୨'ସି'ରେ କହିଛି ଯେ, ଯେଉଁ ତାରିଖରେ ଜମି ଅଧିଗ୍ରହଣ ପାଇଁ ନୋଟିସ୍ ଜାରି କରାଯାଇଛି, ତାହାହିଁ କ୍ଷତିପୂରଣ ବ୍ୟାପାରରେ ମୂଳତାରିଖ ବୋଲି ଧରାଯିବ । ଅର୍ଥାତ୍ ଏହି ତାରିଖପରେ ସମ୍ପୃକ୍ତଜମିର କୌଣସି କ୍ଷୟକ୍ଷତି ବାବଦରେ ପାଉଣା ପାଇଁ ଜମିମାଲିକ ଦାବୀ କରିପାରିବେନି  ଏବଂ ସେହି ତାରିଖରେ ଜମିର ସରକାରୀ ମୂଲ୍ୟ ଯାହା ଥିବ, ତାହାହିଁ ସେ ଜମିମାଲିକଙ୍କୁ କେବଳ ମିଳିବ ଏବଂ କୌଣସି ଅତିରିକ୍ତ କାରଣରୁ କିଛି କ୍ଷତିପୂରଣ ମିଳିବ ନାହିଁ । ଏପରି ବ୍ୟବସ୍ଥା ଫଳରେ ଆଗାମୀଦିନର ବିସ୍ଥାପିତ ପରିବାର ଅତୀତର ବିସ୍ଥାପିତ ପରିବାର ତୁଳନାରେ ଅଧିକ ବଞ୍ଚିତ ଓ ପ୍ରବଞ୍ଚିତ ହେବେ, ଏଥିରେ ସନ୍ଦେହ ନାହିଁ ।

**୧୨.** ନୂତନ ବିସ୍ଥାପନ ନୀତିରେ କ୍ଷତିଗ୍ରସ୍ତ ଓ ପ୍ରଭାବିତ ଲୋକଙ୍କ ଆପତ୍ତିଓଜର ଶୁଣିବାପାଇଁ ଏକ ସ୍ୱତନ୍ତ୍ର, ସ୍ୱୟଂକ୍ରିୟ ଓ ନିରପେକ୍ଷ ଅପିଲ୍ ବ୍ୟବସ୍ଥା ନାହିଁ । ଯେଉଁ ରାଜସ୍ୱ କର୍ତ୍ତୃପକ୍ଷମାନେ ଜମି ଅଧିଗ୍ରହଣ କରିବେ, ସେମାନେ ହିଁ ଆପତ୍ତି ଫଇସଲା କର୍ତ୍ତୃପକ୍ଷଭାବେ ନାମିତ ହୋଇଛନ୍ତି (ଦ୍ରଷ୍ଟବ୍ୟ ଧାରା ୨୦) ଏବଂ ସର୍ବୋପରି ଯେଉଁ ରାଜସ୍ୱ ବିଭାଗ ଜମି ଅଧିଗ୍ରହଣର ମୁଖ୍ୟ କର୍ତ୍ତା, ତାଙ୍କୁ ହିଁ ଏହି ନୀତି ସମ୍ବନ୍ଧରେ କୌଣସି ବିବାଦ ବା ସଂଶୟର ଫଇସଲା, ଏହି ନୀତିର ସଂଶୋଧନ ତଥା ଏହି ନୀତିର କାର୍ଯ୍ୟକାରିତା ପାଇଁ ନିର୍ଦ୍ଦେଶନାମା ଜାରି କରିବାର ଚୂଡ଼ାନ୍ତ କ୍ଷମତା ଦିଆଯାଇଛି । ଅର୍ଥାତ୍ ଯାହା ବିରୁଦ୍ଧରେ ଅଭିଯୋଗ ଅଣାଯିବ, ତାଙ୍କୁ ହିଁ ନିୟାମକ ଓ ବିଚାରକ ପଦବୀରେ ଅବସ୍ଥାପିତ କରାଯାଇଛି । ଏପ୍ରକାର ଏକପାଖିଆ ଓ ଅମଲାତାନ୍ତ୍ରିକ ବ୍ୟବସ୍ଥା ଫଳରେ ସାଧାରଣ ବିସ୍ଥାପିତ ଲୋକେ ସେମାନଙ୍କ ଅଭିଯୋଗର ଉପଯୁକ୍ତ ବିଚାର ଓ ନ୍ୟାୟପ୍ରାପ୍ତି ପାଇଁ ଆଶା କରିବା ସମ୍ପୂର୍ଣ୍ଣଭାବେ ବୃଥା । ସୁତରାଂ ବିସ୍ଥାପିତ ଲୋକଙ୍କ ସମସ୍ତ ପ୍ରକାର ଅଭିଯୋଗ ଓ ଅପିଲ୍‌ର ଶୁଣାଣି ପାଇଁ ତଥା ସମୟବଦ୍ଧ ରୀତିରେ ନ୍ୟାୟ ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର, ସ୍ୱୟଂକ୍ରିୟ ଓ ନିରପେକ୍ଷ ଅପିଲ୍ ସଂସ୍ଥାର ଗଠନ ନିହାତି ଅପରିହାର୍ଯ୍ୟ ।

**୧୩.** ଏକ ଯଥାର୍ଥ ବିସ୍ଥାପନ ନୀତିରେ କୌଣସି ଘରୋଇ ସଂସ୍ଥାର ଜମି ଦରକାର ପଡ଼ିଲେ ସେ ସିଧାସଳଖ ସମ୍ପୃକ୍ତ ଜମିମାଲିକ ମାନଙ୍କ ସହ ଆପୋଷନାମା ଜରିଆରେ ନିର୍ଦ୍ଧାରିତ ହେଉଥିବା ମୂଲ୍ୟ ଓ ସର୍ତ୍ତ ଭିତ୍ତିରେ ଜମି କିଣିବାର ବ୍ୟବସ୍ଥାକୁ ସ୍ଥାନିତ କରିବା ବାଞ୍ଛନୀୟ । ନୂତନ ରାଜ୍ୟ ବିସ୍ଥାପନ ନୀତିରେ  ଏହି ବ୍ୟବସ୍ଥାକୁ ସ୍ୱୀକୃତି ମଧ ଦିଆଯାଇଛି । କିନ୍ତୁ ପୁଣି ବ୍ୟବସ୍ଥା କରାଯାଇଛି ଯେ ଏହି ଆପୋଷ ବୁଝାମଣା ସଫଳ ହୋଇ ନପାରିଲେ, ଜମି ଅଧିଗ୍ରହଣ ଆଇନ୍ ବା ତତ୍ତୁଲ୍ୟ ଆଇନ୍ ବଳରେ ସରକାର ଜମି ଅଧିଗ୍ରହଣ କରିବେ । (ଦ୍ରବଷ୍ଟ୍ୟ ଧାରା ୬) । ଏହି ଦ୍ୱିତୀୟ ବ୍ୟବସ୍ଥା ଫଳରେ ସରକାର ପୁଣି ପୂର୍ବଭଳି ଜମି କିଣାବିକାର ଦଲାଲ ଭାବେ କାର୍ଯ୍ୟ କରିବେ । ସୁତରାଂ କେବଳ ପ୍ରଥମ ବ୍ୟବସ୍ଥାକୁ ସ୍ୱୀକୃତି ଦେଇ ସରକାର ଘରୋଇ କମ୍ପାନୀ ଓ ଜମି ମାଲିକମାନଙ୍କ ଭିତରେ ହେବାକୁ ଥିବା ଆପୋଷ ମୂଲଚାଲ ପ୍ରକ୍ରିୟାରେ ଏକ ସହାୟକ **(Facilitator)**ର ଭୂମିକା ନେବା ଉଚିତ୍ ବୋଲି ନୂତନ ବିସ୍ଥାପନ ନୀତି ସ୍ପଷ୍ଟଭାବେ ଘୋଷଣା କରିବା ଦରକାର ।

**୧୪.** କୌଣସି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଯୋଗୁଁ ସର୍ବସାଧାରଣ ବାସିନ୍ଦା କେବଳ ଯେ ସେମାନଙ୍କର ଜମି, ବାସସ୍ଥାନ ଓ ଜୀବିକା ହରାଇଥାନ୍ତି ତାହା ନୁହେଁ ବରଂ ଗୋଚର, ରାସ୍ତା, ପଡ଼ିଆ, ଜଳାଶୟ ଓ ଜଙ୍ଗଲ ଇତ୍ୟାଦି ସମୂହ ପ୍ରାକୃତିକ ସମ୍ପତ୍ତି **(common natural resources)** ମଧ୍ୟ ହରାଇ ଥାଆନ୍ତି, ଯେଉଁଗୁଡ଼ିକର ବ୍ୟାବାହାରିକ ମୂଲ୍ୟ ସେମାନଙ୍କ ଜୀବନ ଓ ଜୀବିକା ପାଇଁ ଅତ୍ୟନ୍ତ ବେଶୀ । ଏହି ସବୁ ସର୍ବସାଧାରଣ ପ୍ରାକୃତିକ ସମ୍ପତ୍ତିର ମୂଲ୍ୟ ଆକଳନ କିମ୍ବା ଏ ବାବଦରେ କ୍ଷତି ପୂରଣ ବ୍ୟବସ୍ଥା ନୂତନ ବିସ୍ଥାପନ ନୀତିରେ ମୋଟେ ସ୍ଥାନିତ ହୋଇନାହିଁ । (ଦ୍ରଷ୍ଟବ୍ୟ ଧାରା-୬)

**୧୫.** ଅତୀତର ବିସ୍ଥାପନ ଘଟଣାମାନଙ୍କରୁ ସମସ୍ତଙ୍କ ମନରେ ଏକ ବଦ୍ଧମୂଳ ଧାରଣା ସ୍ଥାନ ପାଇଛି ଯେ, ସରକାର ପ୍ରଥମେ ଘରୋଇ କମ୍ପାନୀ ସହ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଡୁଥିବା ଜମି ଯୋଗାଇଦେବାକୁ ଚୁକ୍ତିବଦ୍ଧ ହେଲାପରେ ସମ୍ପୃକ୍ତ ଜମି ମାଲିକମାନଙ୍କୁ ଜମି ଛାଡ଼ିବାକୁ ନୋଟିସ୍ ଜାରି କରିଥାଆନ୍ତି । ଏହାଫଳରେ ସମ୍ପୃକ୍ତ ଜମି ମାଲିକ କି ସାଧାରଣ ଲୋକେ ଏପରି ଚୁକ୍ତିନାମାର ଉଦ୍ଦେଶ୍ୟ କିମ୍ବା ସର୍ତ୍ତାବଳୀ ଜାଣି ପାରିବାର ବା ତାହା ଉପରେ ନିଜ ମତ ଦେବାର ସୁଯୋଗ ପାଇ ନଥାନ୍ତି । କିନ୍ତୁ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାର ଗୋଟିଏ ପ୍ରକଳ୍ପର ପରିକଳ୍ପନା ହେବା ଦିନଠାରୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସହ ଚୁକ୍ତିନାମା ହେବା ପର୍ଯ୍ୟନ୍ତ ସମସ୍ତ ସୂଚନା ଜନସାଧାରଣଙ୍କୁ ସେମାନଙ୍କର ଅବଗତି ଓ ମତାମତ ପାଇଁ ଜଣାଇବା ବାଞ୍ଛନୀୟ । କିନ୍ତୁ ଲୋକଙ୍କୁ ମୂଳରୁ ଏକ ପ୍ରକଳ୍ପ ବିଷୟରେ କୌଣସି ପ୍ରାକ୍‌ସୂଚନା ନଦେଇ ସହସା ଜମି ଅଧିଗ୍ରହଣ ପାଇଁ ନୋଟିସ୍ ଦେବା କାରଣରୁ ସେମାନଙ୍କ ଭିତରେ ଗଭୀର ବିକ୍ଷୋଭ ସୃଷ୍ଟି ହୋଇଥାଏ ଏବଂ ତାହା ହିଁ ପରବର୍ତ୍ତୀ କାଳରେ ବିଦ୍ରୋହର ରୂପ ନେଇଥାଏ । ସୁତରାଂ ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ସମ୍ପୃକ୍ତ ଜମିମାଲିକ ଓ ସର୍ବସାଧାରଣଙ୍କ ସହମତି ଓ ସହଯୋଗ ପାଇବା ପାଇଁ ତଥା ସୂଚନା ଅଧିକାର ଆଇନ୍ ୨୦୦୫ର ଧାରା ୪ର ପରିପାଳନାର୍ଥେ ସରକାର ଏକ ପ୍ରସ୍ତାବିତ ପ୍ରକଳ୍ପର ସମସ୍ତ ଦିଗ ବିଷୟରେ ସମ୍ପୃକ୍ତ ଜନଗୋଷ୍ଠୀଙ୍କୁ ତଥା ସର୍ବସାଧାରଣଙ୍କୁ ବିସ୍ତାରିତ ସୂଚନା ପ୍ରଦାନ କରିବା ତଥା ସେମାନଙ୍କର ମତାମତ ଆହ୍ୱାନ କରିବାର ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ଯେମିତି ହେଲେ ବିସ୍ଥାପନ ନୀତିରେ ସ୍ଥାନ ପାଇବା ଅତୀବ ଜରୁରୀ । କିନ୍ତୁ ପ୍ରସ୍ତାବିତ ରାଜ୍ୟ ବିସ୍ଥାପନ ନୀତିରେ ଏଭଳି ବ୍ୟବସ୍ଥା ସ୍ଥାନିତ ହୋଇନାହିଁ, ବରଂ ପୂର୍ବଭଳି ଜମି ଅଧିଗ୍ରହଣ ବିଜ୍ଞପ୍ତି ଜାରି କରିବା ପରେ ହିଁ ସମ୍ପୃକ୍ତ ଜମି ମାଲିକଙ୍କୁ ଏବଂ ସର୍ବସାଧାରଣଙ୍କୁ ଯାହାକିଛି ଜଣାଇବାର ବ୍ୟବସ୍ଥା କରାଯାଇଛି । ଏହା ଫଳରେ ପୂର୍ବଭଳି ବିସ୍ଥାପିତ ପରିବାର ଓ ସର୍ବସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଓ ବିକ୍ଷୋଭ ସୃଷ୍ଟିହେବ ଓ ବଢ଼ି ବଢ଼ି ଚାଲିବ ଏଥିରେ ସନ୍ଦେହ ନାହିଁ । [ଦ୍ରଷ୍ଟବ୍ୟ ଧାରା ୪ ଓ ୬]

**୧୬.** ଅତୀତର ଅଭିଜ୍ଞତାରୁ ଏହା ସାବ୍ୟସ୍ତ ହୋଇଛି ଯେ, ସରକାର ଅତ୍ୟନ୍ତ କମ୍ ମୂଲ୍ୟ ଦେଇ ବିସ୍ଥାପିତ ପରିବାରଙ୍କ ଠାରୁ ଜମି ଅଧିଗ୍ରହଣ କରିଥାନ୍ତି ଓ ସେହି ଜମିକୁ ପ୍ରକଳ୍ପ ମାଲିକ ସମ୍ପୃକ୍ତ କମ୍ପାନୀକୁ ବେଶ୍ ଚଢ଼ା ମୂଲ୍ୟରେ ବିକ୍ରୀ କରିଥାଆନ୍ତି ଏବଂ ଏହି ଦୁଇଟି ଦାମ୍ ଭିତରେ ଥିବା ବିଶାଳ ବ୍ୟବଧାନ-ରାଶିକୁ ସର୍ବସାଧାରଣଙ୍କୁ ନ ଜଣାଇ ନିଜେ ଦଲାଲ ଭଳି ହଡ଼ପ କରିଥାନ୍ତି । ଏହି ବିଶାଳ ଅର୍ଥରାଶି କୁଆଡ଼େ ଯାଏ, ତାହା ମଧ୍ୟ କେହି ଜାଣନ୍ତି ନାହିଁ । କଳିଙ୍ଗ ନଗର ପାଇଁ ଜମି ଅଧିଗ୍ରହଣର ପ୍ରଲମ୍ବିତ ଓ ସଂଘର୍ଷମୟ ଘଟଣାକ୍ରମରୁ ସରକାରଙ୍କ ଦ୍ୱାରା ସୁଦୂର ଅତୀତରୁ ଚାଲି ଆସୁଥିବା ଏହି ବିଚିତ୍ର ହେରାଫେରି କାରବାରର ସତ୍ୟତା ଉଦ୍‌ଘାଟିତ ଓ ସାବ୍ୟସ୍ତ ହୋଇସାରିଛି । ଏକ ଜନମଙ୍ଗଳ ରାଷ୍ଟ୍ରରେ ପ୍ରକଳ୍ପ ମାଲିକ ବା ଏକ ଘରୋଇ କମ୍ପାନୀ ଲୋକଙ୍କ ଜମି ବାବଦ ଯେତିକି ମୂଲ୍ୟ ଦେଉଛି, ତାହା ପୁରାପୁରି ସମ୍ପୃକ୍ତ ଜମିମାଲିକ ଓ ସ୍ଥାନୀୟ ଅଧିବାସୀମାନଙ୍କପାଖକୁ ଯିବା କଥା । ସରକାର ଚାହିଁଲେ ଏହି ଦେଣନେଣ ପ୍ରକ୍ରିୟାରେ

ଲୋକଙ୍କ ପକ୍ଷନେଇ ସହାୟକ **(Facilitator)** ହୋଇପାରନ୍ତି, କିନ୍ତୁ ମଝିରେ ପଶି ଲୋକଙ୍କ ପ୍ରାପ୍ୟ ହଡ଼ପ କରୁଥିବା ଦଲାଲ୍ ନୁହେଁ । ବଡ଼ ବିସ୍ମୟର କଥା, ନୂତନ ରାଜ୍ୟ ବିସ୍ଥାପନ ନୀତିରେ ପ୍ରକଳ୍ପ ମାଲିକ ବା ଘରୋଇ କମ୍ପାନୀକୁ କେଉଁ ମୂଲ୍ୟରେ ସରକାର ଜମି ଯୋଗାଇ ଦେଉଛନ୍ତି, ସେ ବିଷୟରେ ସମ୍ପୃକ୍ତ ଜମିମାଲିକ କିମ୍ବା ସର୍ବସାଧାରଣଙ୍କୁ ସୂଚନା ଦେବାର କୌଣସି ବ୍ୟବସ୍ଥା ସ୍ଥାନିତ ହୋଇନାହିଁ । ଫଳତଃ ନୂତନ ନୀତି କାର୍ଯ୍ୟକାରୀ ହେଲେ ସରକାରଙ୍କ ନିହିତ-ସ୍ୱାର୍ଥ-ଭିତ୍ତିକ ମଧ୍ୟସ୍ଥତା ବା ଦଲାଲି ପୂର୍ବବତ୍ ବଜାୟ ରହିବ, ଏଥିରେ ସନ୍ଦେହ ନାହିଁ । (ଦ୍ରଷ୍ଟବ୍ୟ ଧାରା ୪ ଓ ୬)

**୧୭.** ନୂତନ ରାଜ୍ୟ ବିସ୍ଥାପନ ନୀତିରେ ପୁନର୍ବାସ ଓ ପୁନଃସଂସ୍ଥାନ ପାଇଁ କେତେକ ନୂତନ ସଂସ୍ଥା ଗଠନ କରାଯିବାର ପ୍ରସ୍ତାବ ରହିଛି ଯଥା : ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ ଉପଦେଷ୍ଟା କମିଟି, ରାଜ୍ୟସ୍ତରୀୟ ପୁନର୍ବାସ ଓ ପୁନଃସଂସ୍ଥାନ ପରିଷଦ, ପୁନର୍ବାସ ଓ ପୁନଃସଂସ୍ଥାନ ନିର୍ଦ୍ଦେଶାଳୟ ତଥା କ୍ଷତିପୂରଣ ଉପଦେଷ୍ଟା କମିଟି । ପ୍ରଥମ ଦୁଇଟି ସଂସ୍ଥାରେ ଲୋକ ପ୍ରତିନିଧି, ସମାଜ କର୍ମୀ, ବିଶେଷଜ୍ଞ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧିମାନେ ସଭ୍ୟ ରହିବେ ଏବଂ ଏହି ଦୁଇଟି ସଂସ୍ଥା ମଧ୍ୟରୁ ପରିଷଦର ଅଧ୍ୟକ୍ଷତା କରିବେ ସ୍ୱୟଂ ମୁଖ୍ୟମନ୍ତ୍ରୀ ଏବଂ ଉପଦେଷ୍ଟା କମିଟିର ଅଧ୍ୟକ୍ଷଙ୍କ ନାମ ସରକାର ପରେ ଘୋଷଣା କରିବେ ବୋଲି ସୂଚିତ ହୋଇଛି । ମନେହେବ ଏହି ଦୁଇଟି କମିଟି ଯୋଗୁଁ ବିସ୍ଥାପିତ ଲୋକେ ନ୍ୟାୟ ପାଇପାରନ୍ତି । (ଦ୍ରଷ୍ଟବ୍ୟ ଧରା ୧୫,୧୬,୧୭ ଓ ୧୮) । କିନ୍ତୁ ସୂକ୍ଷ୍ମ ବିଶ୍ଳେଷଣରୁ ଜଣାପଡ଼ିବ ଯେ, ଏହି ଦୁଇଟି କମିଟି ଆଳଙ୍କାରିକ ମାତ୍ର, ବରଂ ଅସଲ ଓ ଚୂଡ଼ାନ୍ତ କ୍ଷମତା ରହିଛି କ୍ଷତି ପୂରଣ କମିଟି ଓ ନିର୍ଦ୍ଦେଶାଳୟ ହାତରେ । ରାଜସ୍ୱ ପରିଷଦ ସଭ୍ୟ ହେଉଛନ୍ତି କ୍ଷତି ପୂରଣ କମିଟିର ଅଧ୍ୟକ୍ଷ, ଯେ କି କ୍ଷତି ପୂରଣ ବ୍ୟାପାରରେ ଚୂଡ଼ାନ୍ତ କ୍ଷମତାର ଅଧିକାରୀ (ଦ୍ରଷ୍ଟବ୍ୟ ଧାରା ୧୫) । ସେହିପରି ପୁନର୍ବାସ ଓ ପୁନଃସଂସ୍ଥାନ ନିର୍ଦ୍ଦେଶାଳୟ ଏହି ନୀତିର ଉଭୟ କାର୍ଯ୍ୟାନ୍ୱୟନ ଓ ତଦାରଖ କରିବେ ଏବଂ ସେ ମଧ ସମସ୍ତ ଆପତ୍ତି-ଅଭିଯୋଗର ଫଇସଲା କରିବେ । (ଦ୍ରଷ୍ଟବ୍ୟ ଧାରା ୧୮ ଓ ୨୦) । ପୁଣି ଆର୍.ଡ଼ି.ସି. ହିଁ ହେଉଛନ୍ତି ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ପରିମାଣର ସର୍ବଶେଷ ନିୟାମକ । (ଦ୍ରଷ୍ଟବ୍ୟ ଧାରା ୪ ଡ଼ି) । ଏହାଛଡ଼ା ପୁନର୍ବାସ କାର୍ଯ୍ୟର ସମ୍ପୂର୍ଣ୍ଣତା ସମ୍ବନ୍ଧରେ ପ୍ରମାଣପତ୍ର ଦେବାର କ୍ଷମତା ରହିଛି କେବଳ ଜିଲ୍ଲାପାଳଙ୍କର [ଦ୍ରଷ୍ଟବ୍ୟ ଧାରା ୭ (୨)] । ସର୍ବୋପରି କୁହାଯାଇଛି ଯେ, ଉପଦେଷ୍ଟା କମିଟିର ନିଷ୍ପତ୍ତି ଯାହା ହେଉନା କାହିଁକି, ସରକାର ଅର୍ଥାତ୍ ରାଜସ୍ୱ ବିଭାଗଙ୍କ ଅନୁମୋଦିତ ନିର୍ଦ୍ଦେଶନାମାକୁ କେହି ଉଲ୍ଲଂଘନ କରିପାରିବେ ନାହିଁ । (ଦ୍ରଷ୍ଟବ୍ୟ ଧରା ୭-୬) । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ପରିଷଦର କ୍ଷମତା ରାଜସ୍ୱ ବିଭାଗଙ୍କ କ୍ଷମତା ତୁଳନାରେ ନଗଣ୍ୟ ବୋଲି ମନେହୁଏ । କାରଣ ଏହି ନୀତିର କାର୍ଯ୍ୟକାରିତା ସମ୍ବନ୍ଧରେ ଯେକୌଣସି ପ୍ରସଙ୍ଗ ବା ସନ୍ଦେହ ଉପରେ ଚୂଡ଼ାନ୍ତ ଓ ସର୍ବମାନ୍ୟ ରାଏ ଦେବାର କ୍ଷମତା କେବଳ ସରକାରଙ୍କ ରାଜସ୍ୱ ବିଭାଗ ହାତରେ ରହିବ । (ଦ୍ରଷ୍ଟବ୍ୟ ଧରା ୨୨-ଏ) । ଏହିପରି ଦେଖିବାକୁ ଗଲେ, ପୁନର୍ବାସ ଓ ପୁନଃସଂସ୍ଥାନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟାପାରରେ ସରକାରଙ୍କ ରାଜସ୍ୱ ବିଭାଗର ଅମଲାମାନଙ୍କ ପ୍ରାଧାନ୍ୟ ଓ କର୍ତ୍ତୃତ୍ୱ ବଜାୟ ରହିବ । ଏହି ଅମଲାତାନ୍ତ୍ରିକ ବଳୟକୁ ଅତିକ୍ରମ କରି ବିସ୍ଥାପିତ ପରିବାର ବା ପ୍ରଭାବିତ ସର୍ବସାଧାରଣ ସେମାନଙ୍କ ଭିନ୍ନମତ କି ଆପତ୍ତି-ଅଭିଯୋଗ ଉପରେ ଏକ ନିରପେକ୍ଷ ନ୍ୟାୟବିଚାର ଆଶା କରିବାର ପ୍ରଶ୍ନ ମୋଟେ ଉଠୁନାହିଁ । ଜମି ଅଧିଗ୍ରହଣ ସମ୍ପର୍କିତ ସମସ୍ତ ବିବାଦକୁ ଏକ ନିରପେକ୍ଷ ଓ ସମୟବଦ୍ଧ ଢଙ୍ଗରେ ଫଇସଲା କରିବା ପାଇଁ ପ୍ରଚଳିତ ପ୍ରଶାସନ ଓ ଅଦାଲତି ବ୍ୟବସ୍ଥା ବାହାରେ ଏକ ସ୍ୱତନ୍ତ୍ର ଓ ସ୍ୱୟଂପରିଚାଳିତ 'ରାଜ୍ୟ ଥଇଥାନ କମିଶନ' ଗଠନ କରାଯିବ ବୋଲି ନୂତନ ରାଜ୍ୟନୀତି ଠାରୁ ଆଶା କରା ଯାଉଥିଲା । କିନ୍ତୁ ତାହା ତ ଧୂଳିସାତ୍ ହୋଇଗଲା, ଅନ୍ୟ ପକ୍ଷରେ ପାରମ୍ପରିକ କୋର୍ଟର କ୍ଷମତା ପରିବର୍ତ୍ତେ ଜମି ଅଧିଗ୍ରହଣକାରୀ ରାଜସ୍ୱ ବିଭାଗ ହାତରେ ବିବାଦ-ମୀମାଂସାର ସର୍ବଶେଷ କର୍ତ୍ତୃତ୍ୱ ନ୍ୟସ୍ତ କରି ଦିଆଗଲା । ଅର୍ଥାତ୍ ଏହି ନୀତି ଅନୁଯାୟୀ ଚୋର, ପୋଲିସ୍ ଓ ଜଜ୍ ଭୂମିକାରେ ଜଣେ ବ୍ୟକ୍ତି ହିଁ ରହିବେ ।

**୧୮.** ଏହି ନୀତିରେ ସରକାର ପ୍ରକଳ୍ପ କର୍ତ୍ତୃପକ୍ଷ ବା ଘରୋଇ କମ୍ପାନୀମାନଙ୍କ ଚାହିଦା ମୁତାବକ ଲୋକଙ୍କ ଠାରୁ ଜମି ଅଧିଗ୍ରହଣ କରିବେ ବୋଲି ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି । କିନ୍ତୁ ବିସ୍ଥାପିତ ଲୋକଙ୍କ ପୁନର୍ବାସ ଓ ପୁନଃସଂସ୍ଥାନ ପାଇଁ ଉତ୍ତରଦାୟିତ୍ୱକୁ ସରକାର ଅତ୍ୟନ୍ତ ସୁଚତୁରଭାବେ ଏଡ଼ାଇ ଯାଇ ପ୍ରକଳ୍ପ କର୍ତ୍ତୃପକ୍ଷ ବା ଘରୋଇ କମ୍ପାନୀ ଏସବୁ କରିବେ ବୋଲି କୁହାଯାଇଛି । ଉଦାହରଣ ସ୍ୱରୂପ, ଶିଳ୍ପ-ପ୍ରକଳ୍ପ ବିସ୍ଥାପିତ ପରିବାରମାନଙ୍କୁ ନିଯୁକ୍ତି ସାହାଯ୍ୟ, ଆତ୍ମ-ନିଯୁକ୍ତି ତାଲିମ୍, ଗୃହନିର୍ମାଣ ସାହାଯ୍ୟ, ଦୋକାନ ଓ ଅନ୍ୟାନ୍ୟ ସେବା ସଂସ୍ଥା ନିର୍ମାଣ ଇତ୍ୟାଦି ପ୍ରାପ୍ୟକୁ ଯୋଗାଇଦେବା ହେଉଛି ପ୍ରକଳ୍ପ କର୍ତ୍ତୃପକ୍ଷ ବା ଘରୋଇ କମ୍ପାନୀମାନଙ୍କର କର୍ତ୍ତବ୍ୟ ବୋଲି କୁହାଯାଇଛି । [ଦ୍ରଷ୍ଟବ୍ୟ : ଧାରା ୮(୧)] । କିନ୍ତୁ ବିସ୍ଥାପିତ ଲୋକେ ସେମାନଙ୍କଠାରୁ ଏହିସବୁ ପ୍ରାପ୍ୟ କିଭଳି ଓ କେତେଦିନ ଭିତରେ ପାଇବେ, ଏବଂ ଯଦି ନପାଆନ୍ତି, ତେବେ ସେମାନେ କ'ଣ କରିବେ, ଏ ବିଷୟରେ ବର୍ତ୍ତମାନର ନୀତି ନୀରବ । ପ୍ରଶ୍ନ ହେଉଛି, ଯଦି ସରକାର ଜମି ଅଧିଗ୍ରହଣ କରୁଛନ୍ତି, ତେବେ ପୁନର୍ବାସ ଓ ପୁନଃସଂସ୍ଥାନର ଉତ୍ତରଦାୟିତ୍ୱ ପୁରାପୁରି ସରକାଙ୍କ ଉପରେ ନ୍ୟସ୍ତ ରହିବା ଉଚିତ୍ ନୁହେଁ କି ? ଅନ୍ୟପକ୍ଷରେ ଯଦି ଘରୋଇ ପ୍ରକଳ୍ପ ମାଲିକମାନେ ଲୋକଙ୍କ ସିଧାସଳଖ କଥାବାର୍ତ୍ତା ଓ ମୂଲଚାଲ କରି ଜମି କିଣନ୍ତେ, ତେବେ ଲୋକମାନେ ସେମାନଙ୍କଠାରୁ ଜମି କ୍ରୟ-ବିକ୍ରୟ ବେଳେ ନିଜର ସମସ୍ତ ସର୍ତ୍ତ ହାସଲ କରିପାରନ୍ତେ । ସୁତରାଂ ଯଦି ସରକାର ଘରୋଇ ପ୍ରକଳ୍ପ-ମାଲିକଙ୍କ ପକ୍ଷନେଇ ଜମି ଅଧିଗ୍ରହଣ କରୁଛନ୍ତି, ତେବେ ସରକାର ହିଁ ଲୋକଙ୍କ ପୁନର୍ବାସ ଓ ପୁନଃସଂସ୍ଥାନର ସମସ୍ତ ଦାୟିତ୍ୱ ନିଜେ ବହନ କରିବା ଏବଂ ଏଥିଲାଗି ଉତ୍ତରଦାୟୀ ରହିବା ପାଇଁ ଏହି ନୀତି ସ୍ପଷ୍ଟଭାବେ ଘୋଷଣା କରିବା ଦରକାର ।

**୧୯.** ମୂଳବାସୀ ଓ ଆଦିମ ଜନଗୋଷ୍ଠୀମାନଙ୍କର ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯିବ ବୋଲି ନୂତନ ରାଜ୍ୟ ବିସ୍ଥାପନ ନୀତିର ଆଭିମୁଖ୍ୟରେ ଘୋଷଣା କରାଯାଇଛି । ପୁଣି ଏହି ନୀତିର ଧାରା ୧୨ରେ ବିସ୍ଥାପିତ ହେଉଥିବା ମୂଳ ଅଧିବାସୀ ଓ ଆଦିମ ଜନଗୋଷ୍ଠୀଙ୍କ ପାଇଁ କେତେକ ସ୍ୱତନ୍ତ୍ର ସୁବିଧାସୁଯୋଗର କଥା କୁହାଯାଇଛି; ଯଥା ପୁନର୍ବାସ ଯୋଜନା ପ୍ରଣୟନ ବେଳେ ସେମାନଙ୍କର ସାମାଜିକ-ସାଂସ୍କୃତିକ ପରମ୍ପରାକୁ ସମ୍ମାନ ଦିଆଯିବ, ସେମାନଙ୍କ ପସନ୍ଦକୁ ଚାହିଁ ଜମି ଯୋଗାଇ ଦିଆଯିବ, ସେମାନଙ୍କ ପ୍ରାକୃତିକ ବାସସ୍ଥଳୀ ନିକଟରେ ଏକ ସଂସଲଗ୍ନ ଭୂ-ପରିସର ମଧ୍ୟରେ ସେମାନଙ୍କୁ ପୁନର୍ବାସ କରାଯିବ, ତଥା ଭିନ୍ନ ଏକ ଜିଲ୍ଲାରେ ପୁନର୍ବାସ ହେଉଥିବା ପରିବାରମାନଙ୍କୁ ସାଧାରଣଭାବେ ପ୍ରାପ୍ୟ ପୁନର୍ବାସ ଓ ପୁନଃସଂସ୍ଥାନ ସୁବିଧାର ଅତିରିକ୍ତ ଶତକଡ଼ା ୨୫ ଭାଗ ଏକକାଳୀନ ଅର୍ଥ ଆକାରରେ ମିଳିବ । ଏ ସବୁ କଥା କାନକୁ ଭଲ ଶୁଭୁଛି । କିନ୍ତୁ ନୀତି-ପ୍ରଣେତାମାନେ ପ୍ରକୃତରେ ଏହା ଚାହୁଁଛନ୍ତି କି ନାହିଁ, ତାହା ନେଇ ଘୋର ସନ୍ଦେହ ଉପୁଜିଛି ।

ପ୍ରଥମତଃ, ଏହି ଧାରାରେ ଯେଉଁଯେଉଁ ସ୍ଥାନରେ 'ବିସ୍ଥାପିତ' ଶବ୍ଦ ବ୍ୟବହାର କରାଯାଇଛି, ଏହି ନୀତି ଅନୁଯାୟୀ ତା'ର ଏକ ସଙ୍କୁଚିତ ଅର୍ଥ ହେଲା, ଯିଏ କି କେବଳ ଘରଡିହ ହରାଇଛି (ଦ୍ରଷ୍ଟବ୍ୟ ଧାରା ୨ଡି) ଅର୍ଥାତ୍, ଯେ ଚାଷଜମି ବା ଅନ୍ୟପ୍ରକାର ଜୀବିକା ହରାଉଛି, ସେ 'ବିସ୍ଥାପିତ' ନୁହେଁ କି ବିସ୍ଥାପନ ଜନିତ ସୁବିଧାସୁଯୋଗ ପାଇବା ପାଇଁ ହକ୍‌ଦାର ନୁହେଁ । କିନ୍ତୁ ସମସ୍ତେ ଜାଣନ୍ତି, ସମାଜର ସବୁଠୁଁ ଆଦିମ ଓ ପଛୁଆ ବର୍ଗର ଏହି ଲୋକମାନେ ନାମକୁ ମାତ୍ର ମାଟିଝାଟିର ଅସ୍ଥାୟୀ ଘରେ ସାମୟିକ ଭାବେ ବାସ କରିଥା'ନ୍ତି ଏବଂ ପୁଣି ଜୀବନ-ଜୀବିକା ସନ୍ଧାନରେ ଅନ୍ୟତ୍ର ଯାଇ ଘର ବସେଇଥା'ନ୍ତି । ସେମାନଙ୍କର ଜୀବନଶୈଳୀରେ ସ୍ଥାୟୀ ଘର କିମ୍ବା ଜୀବିକାର ଧାରଣା ମୋଟେ ନାହିଁ କହିଲେ ଚଳେ । ବରଂ ସେମାନେ ବଞ୍ଚିବାପାଇଁ ପାହାଡ଼ିଆ ଓ ଜଙ୍ଗଲିଆ ଅଞ୍ଚଳରେ ଡଙ୍ଗର ଓ ପଦର (ଶସ୍ୟକ୍ଷେତ) ପ୍ରସ୍ତୁତ କରି ଖାଦ୍ୟଶସ୍ୟ ଫଳାଇଥା'ନ୍ତି, ନଚେତ୍ ବଣଜଙ୍ଗଲରୁ ମିଳୁଥିବା ଫଳମୂଳ ଓ ବନଜାତ ଦ୍ରବ୍ୟ ଉପରେ

ବର୍ଷସାରା ନିର୍ଭର କରିଥା'ନ୍ତି । ସେଥିପାଇଁ କୌଣସି ତହସିଲ୍ ଅଫିସ୍‌ରେ ସେମାନଙ୍କ ନାଁରେ ଘରଡିହ କି ଚାଷଜମିର ପଟ୍ଟା ମିଳିବନି । ଏଭଳି ପରିସ୍ଥିତିରେ 'ବିସ୍ଥାପିତ' ମାନଙ୍କ ଉପରେ ଯେତେବେଳେ ସର୍ଭେ ହେବ, ସେହି ସର୍ଭେର ପରିସର ମଧ୍ୟରେ ଏହି ମୂଳବାସୀ ଓ ଆଦିମ ଜନଗୋଷ୍ଠୀର ଲୋକେ ଆଦୌ ସ୍ଥାନ ପାଇବେ କି ନାହିଁ, ତାହାହିଁ ଏକ ମୂଳ ପ୍ରଶ୍ନ ।

ଏଭିଳ ସନ୍ଦେହ ଉପୁଜିବାର କାରଣ ହେଲା, ଏହି ନୀତିର ଧାରା ୪ (ବିସ୍ଥାପିତ ପରିବାରମାନଙ୍କ ସର୍ବେକ୍ଷଣ ଓ ଚିହ୍ନଟୀକରଣ)ରେ ଥିବା ଉଦ୍ଭଟ ବ୍ୟବସ୍ଥା । ଏଥିରେ କୁହାଯାଇଛି ଯେ, ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ଜାରିହେବାର ୨ମାସ ଭିତରେ ବିସ୍ଥାପିତ ପରିବାରମାନଙ୍କ ଉପରେ ଏକ ସାମାଜିକ-ଆର୍ଥିକ ସର୍ଭେ କରାଯିବ, ତଥା ସରକାର ଅର୍ଥାତ୍ ରାଜସ୍ୱ ବିଭାଗଙ୍କ ଦ୍ୱାରା ଏହି ସର୍ଭେର ପଦ୍ଧତି ବିହିତ କରାଯିବ । ସୁତରାଂ ଯେତେବେଳ ସର୍ଭେର ପଦ୍ଧତି ସମ୍ବନ୍ଧରେ ବର୍ତ୍ତମାନର ନୀତି ସମ୍ପୂର୍ଣ୍ଣ ନୀରବ ଓ ଏହାକୁ ଜମି ଅଧିଗ୍ରହଣ କରୁଥିବା ରାଜସ୍ୱ ବିଭାଗର ଭବିଷ୍ୟତ ମର୍ଜି ଉପରେ ଛାଡ଼ି ଦିଆଯାଇଛି, ସେତେବେଳେ ଆଦିମ ଜନଗୋଷ୍ଠୀର ଲୋକେ ଯେ ସର୍ବେକ୍ଷଣ ଦ୍ୱରା ଚିହ୍ନଟ ହୋଇପାରିବେ, ତା'ର ଗ୍ୟାରେଣ୍ଟି କ'ଣ ?

ସେମାନେ ଯଦି ସର୍ବେକ୍ଷଣର ପରିସର ଭିତରକୁ ଆସି ନ ପାରନ୍ତି, ତେବେ ସେମାନଙ୍କୁ ପୁନର୍ବାସ ବା ପୁନର୍ବାସ ବାବଦରେ ଅତିରିକ୍ତ ଅର୍ଥ-ସାହାଯ୍ୟ ମିଳିବାର ନିଶ୍ଚୟତା କେଉଁଠି ଅଛି ?

**୨୦.** ବିସ୍ଥାପନ ନୀତିର ଧାରା ୪ (ଜି)ରେ କୁହାଯାଇଛି ଯେ, ଅନୁସୂଚିତ ଅଞ୍ଚଳ ଅର୍ଥାତ୍ ସମ୍ବିଧାନର ପଞ୍ଚମ ଅନୁସୂଚୀରେ ବର୍ଣ୍ଣିତ ହୋଇଥିବା ଅଞ୍ଚଳ, ଅର୍ଥାତ୍ ଆଦିବାସୀ ବହୁଳ ଅଞ୍ଚଳମାନଙ୍କରେ ଜମି ଅଧିଗ୍ରହଣ ପ୍ରସ୍ତାବର ଆୟମାରମ୍ଭ ପୂର୍ବରୁ ଗ୍ରାମସଭା କିମ୍ୱା ଉପଯୁକ୍ତ ସ୍ତରର ପଞ୍ଚାୟତି ସଂସ୍ଥା ସହ 'ପରାମର୍ଶ' କରାଯିବ । ମନେହୁଏ, ଅନୁସୂଚୀତ ଅଞ୍ଚଳକୁ ପଞ୍ଚାୟତର ସଂପ୍ରସାରଣ ଆଇନ୍ ବା ପେସା ଆଇନ୍ ୧୯୯୬ର ତାଗିଦ୍‌ରେ ଉପରୋକ୍ତ ବ୍ୟବସ୍ଥାଟିକୁ ସ୍ଥାନିତ କରାଯାଇଛି । କିନ୍ତୁ ଯଦି ପେସା ଆଇନ୍‌କୁ ସୂକ୍ଷ୍ମଭାବେ ଅନୁଧ୍ୟାନ କରାଯାଏ, ତେବେ ଏହା କେବଳ ଏକ ଔପଚାରିକ 'ପରାମର୍ଶ' କଥା କହିନାହିଁ । ପେସା ଆଇନ୍‌ର ଧାରା ୪ (ଆଇ)ରେ କୁହାଯାଇଛି ଯେ, କେବଳ ଭୂମି ଅଧିଗ୍ରହଣ ନୁହେଁ, କୌଣସି ପୁନର୍ବାସ ଓ ପୁନଃସଂସ୍ଥାନ ଯୋଜନାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ମଧ୍ୟ ଗ୍ରାମସଭା ସହ 'ପରାମର୍ଶ' କରାଯିବ । ଏଠାରେ ବ୍ୟବହୃତ 'ପରାମର୍ଶ' ଶବ୍ଦର ପ୍ରକୃତ ତାତ୍ପର୍ଯ୍ୟ ହେଲା ଯାହାକି ଧାରା ୪ (ଡ଼ି) ରେ ଉଲ୍ଲେଖ କରାଯାଇଛି, ଅର୍ଥାତ୍ କୌଣସି ରାଜ୍ୟ ସରକାର ଏପରି ଆଇନ୍ ଗଢ଼ିବନି, ଯଦ୍ୱାରା ସ୍ଥାନୀୟ ଅଧିବାସୀମାନଙ୍କ ପରମ୍ପରା, ସଂସ୍କୃତି, ଗୋଷ୍ଠୀ ସମ୍ପଦ ଓ ବିବାଦ-ଫଇସଲାର ପାରମ୍ପରିକ ପ୍ରଥାକୁ ସୁରକ୍ଷା ଓ ସଂରକ୍ଷଣ କରିବା କ୍ଷେତ୍ରରେ ଗ୍ରାମସଭାର କର୍ତ୍ତୃତ୍ୱ କ୍ଷୁର୍ଣ୍ଣ ହେବ । ସୁତରାଂ ପେସା ଆଇନ୍ ୧୯୯୬ର ପ୍ରକୃତ ଉଦ୍ଦେଶ୍ୟ ହେଉଛି, ଜମି ଅଧିଗ୍ରହଣ ହେଉ ବା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି ହେଉ, ତାହା କେବଳ ହିଁ ଗ୍ରାମ-ସଭାର ସମ୍ପୂର୍ଣ୍ଣ ସହମତି କ୍ରମେ କାର୍ଯ୍ୟକାରୀ ହୋଇପାରେ । କିନ୍ତୁ ପ୍ରସ୍ତାବିତ ରାଜ୍ୟ ବିସ୍ଥାପନ ନୀତିର ଧାରା ୭ରେ କୁହାଯାଇଛି ଯେ, ଜିଲ୍ଲାପାଳ କେଉଁ ପଦ୍ଧତିରେ ବିସ୍ଥାପିତ ଜନଗୋଷ୍ଠୀମାନଙ୍କ ସହ ପରାମର୍ଶ କରିବେ, ତାହା ରାଜ୍ୟ ସରକାର ସ୍ଥିର କରିବେ । ପୁଣି ଏହାର ଧାରା ୭(୩)ରେ ଦୋହରାଯାଇଛି ଯେ, ଗ୍ରାମସଭା ସହ ପରାମର୍ଶ କରାଯିବ । 'ପରାମର୍ଶ' ଶବ୍ଦକୁ ସୁନିର୍ଦ୍ଦିଷ୍ଟ ଭାବେ ସଂଜ୍ଞାୟିତ ନକରି ଏହାର ବ୍ୟାଖ୍ୟାକୁ ରାଜ୍ୟ ସରକାର, ଅର୍ଥାତ୍ ଜମି ଅଧିଗ୍ରହଣ କରୁଥିବା ରାଜସ୍ୱ ବିଭାଗର ମର୍ଜିଉପରେ ଛାଡ଼ିଦେବା ପେସା ଆଇନ୍‌ର ଦିଗନିର୍ଦ୍ଦେଶ ସହ କେତେଦୂର ସଙ୍ଗତିପୂର୍ଣ୍ଣ ?

**୨୧.** ରାଜ୍ୟ ବିସ୍ଥାପନ ନୀତିର ଧାରା ୧୩ରେ କୁହାଯାଇଛି ଯେ, ଯାହାକିଛି ଥଇଥାନ ସୁବିଧା ଦିଆଯିବ,

ତାହାର ଆର୍ଥିକ ଆକଳନ ୦୧.୦୪.୨୦୦୬ର ପାଇକାରୀ ମୂଲ୍ୟସୂଚୀ **(Wholesale Price Index)** ଅନୁଯାୟୀ କରାଯିବ ଏବଂ ପ୍ରତି ଦୁଇବର୍ଷରେ ଏହା ସଂଶୋଧିତ ହେବ । ଏହା ଏକ ଜଣାଶୁଣା କଥା ଯେ, ଜଣେ ସାଧାରଣ ବ୍ୟକ୍ତି ଯେଉଁ ଦରରେ ବଜାରରୁ ବିଭିନ୍ନ ସାମଗ୍ରୀ କିଣିଥାଏ, ତାକୁ ମୂଳତଃ ଖୁଚୁରା ମୂଲ୍ୟସୂଚୀ **(Consumer Price Inidex)** ବୋଲି କୁହାଯାଇ ପାରେ । ଏହି ଦୁଇଟି ମୂଲ୍ୟସୂଚୀ ଭିତରେ ବିରାଟ ବ୍ୟବଧାନ ଥାଇପାରେ, ଅର୍ଥାତ୍ ପାଇକାରୀ ମୂଲ୍ୟସୂଚୀ ଖୁଚୁରା ମୂଲ୍ୟସୂଚୀ ଠାରୁ ବେଶ୍ ଅଧିକ ହୋଇପାରେ । ସୁତରାଂ ଜଣେ ବିସ୍ଥାପିତ ପରିବାରକୁ ଯେଉଁ ସାମଗ୍ରୀ ବାବଦରେ ପାଇକାରୀ ମୂଲ୍ୟରେ କିଛି ଆର୍ଥିକ ସାହାଯ୍ୟ ଦିଆଯିବ, ସେ ତଦ୍ୱାରା ସେହି ସାମଗ୍ରୀଗୁଡ଼ିକୁ ଖୁଚୁରା ମୂଲ୍ୟରେ କିଣିପାରିବ କି ?

**୨୨.** ରାଜ୍ୟ ବିସ୍ଥାପନ ନୀତିର ଧାରା ୮(୧ସି)ରେ କୁହାଯାଇଛି ଯେ , ଗୋଟିଏ ବିସ୍ଥାପିତ ପରିବାର ଚାହିଁଲେ ତାଙ୍କୁ ନିଯୁକ୍ତି ପ୍ରତିବଦଳରେ ମିଳୁଥିବା ଏକକାଳୀନ ଆର୍ଥିକ ସହାୟତାର ଶତାଂଶ ୫୦କୁ ସିକ୍ୟୁରିଟି ବଣ୍ଡ୍ ଭାବେ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପାଖରେ ଜମା ଦେଇପାରନ୍ତି । ଏ ପ୍ରକାର ଫଟ୍‌କା ବଜାର ବ୍ୟବସ୍ଥା ପ୍ରକୃତରେ ପ୍ରକଳ୍ପ ମାଲିକଙ୍କର ପୁଞ୍ଜି ବଢ଼ାଇବାରେ ହିଁ ସହାୟକ ହେବ । ଯଦି ପ୍ରକଳ୍ପଟି କୌଣସି କାରଣରୁ କ୍ଷତିରେ ଚାଲେ ବା ବନ୍ଦ ହୋଇଯାଏ, ତେବେ ବଣ୍ଡ୍ କିଣିଥିବା ବ୍ୟକ୍ତିମାନେ ସେମାନଙ୍କ ଟଙ୍କା ଫେରି ପାଇବେ ତ ! କାରଣ ଅତୀତର ଭୁରିଭୁରି ପ୍ରମାଣ ରହିଛି, ଘରୋଇ କମ୍ପାନୀମାନଙ୍କଠାରୁ କିଣାଯାଇଥିବା ସିକ୍ୟୁରିଟି ବଣ୍ଡର ସୁଧମୂଳ ଉଭାନ୍ ହୋଇଯବା ବିଷୟରେ । ଏକେତ ଥଇଥାନ ସାହାଯ୍ୟ ଯାହା ମିଳିବ, ତାହା ଅତ୍ୟନ୍ତ ନଗଣ୍ୟ; ପୁଣି ତା'ର ଅଧା ଅଂଶକୁ କମ୍ପାନୀକୁ ସିକ୍ୟୁରିଟି ବଣ୍ଡ୍ ନାଁରେ ଦେଇଦେବା ବ୍ୟବସ୍ଥା ଗୋଟିଏ ପଟରେ ନୂତନ ବିସ୍ଥାପନ ନୀତିର କମ୍ପାନୀ-ପ୍ରୀତି ଓ ଅନ୍ୟପଟରେ ବିସ୍ଥାପିତ ପରିବାରକୁ କାଙ୍ଗାଳ କରେଇବାର ଏକ ସୁପରିକଳ୍ପିତ ନକ୍‌ସା ବୋଲି ଆମ ମନରେ ସନ୍ଦେହ ଉଙ୍କି ମାରିବା ସ୍ୱାଭାବିକ । ଯେହେତୁ ବିସ୍ଥାପିତ ଲୋକଙ୍କ ଜମି ଉପରେ ଗୋଟିଏ ପ୍ରକଳ୍ପ ଗଢ଼ି ଉଠୁଛି, ତେଣୁ ସମ୍ପୃକ୍ତ ପ୍ରକଳ୍ପ ମାଲିକ ସେମାନଙ୍କୁ କୃତଜ୍ଞତା ସ୍ୱରୂପ ଆପଣା ଛାଏଁ ଓ ବିନା ସର୍ତ୍ତରେ ପ୍ରକଳ୍ପର ମୋଟ ପୁଞ୍ଜିର ଅଂଶାଧିକାର ପ୍ରଦାନ କରିବା କଥା । ବିସ୍ଥାପନ ନୀତି ତହିଁର ଅବତାରଣା ନକରି ଓଲଟି ବିସ୍ଥାପିତ ପରିବାରଙ୍କୁ କମ୍ପାନୀ ପାଖରେ ନିଜର ଅଂଶଧନ ଖଟାଇବାକୁ ପରାମର୍ଶ ଦେବା କେତେଦୂର ଯୁକ୍ତି ସଙ୍ଗତ ?

**୨୩.** ନୂତନ ରାଜ୍ୟ ବିସ୍ଥାପନ ନୀତିରେ ଶିଳ୍ପ-ପ୍ରକଳ୍ପଦ୍ୱାରା ବିସ୍ଥାପିତ ପରିବାରମାନଙ୍କ ଥଇଥାନ ସାହାଯ୍ୟ, ଯଥା ଥଇଥାନ କଲୋନୀରେ ୧୦ ଡିସିମିଲର ଘରଡିହ ଜମି ଅଥବା ଏହାର ପ୍ରତିବଦଳରେ ୫୦ ହଜାର ଟଙ୍କାର ଏକକାଳୀନ ଆର୍ଥିକ ସାହାଯ୍ୟ ଏବଂ ଥଇଥାନ କଲୋନୀରେ ଗୃହନିର୍ମାଣ ଅଥବା ଏହାର ପ୍ରତିବଦଳରେ ଦେଢ଼ଲକ୍ଷଟଙ୍କାର ଏକକାଳୀନ ଆର୍ଥିକ ସାହାଯ୍ୟ ମିଳିବ ବୋଲି ଧାରା ୮(୧)ରେ ସୂଚିତ ହୋଇଛି । ପ୍ରଥମତଃ, ମନେ ରଖିବାକୁ ପଡ଼ିବ, ଯେଉଁମାନେ ସରକାରୀ ରେକର୍ଡ ଅନୁଯାୟୀ ସମ୍ପୃକ୍ତ ଘରଡ଼ିହ ଜମିର ମାଲିକ, ସେମାନଙ୍କ ପାଇଁ ଉପରୋକ୍ତ ୨ ପ୍ରକାର ସାହାଯ୍ୟ ପ୍ରଯୁଜ୍ୟ ହେବ । ଚାଷଜମି ହରାଇବା କାରଣରୁ ଅନ୍ୟଜାଗାକୁ ନିଜର ବାସସ୍ଥାନ ଉଠାଇନେବାକୁ ବାଧ ହେଉଥିବା ବିସ୍ଥାପିତ ପରିବାରମାନଙ୍କୁ ଏହି ୨ ପ୍ରକାର ସହାଯ୍ୟ (ଘରଡିହ ବାବଦ ବା ଗୃହନିର୍ମାଣ ବାବଦ) ମିଳିବ ନାହିଁ । ଦ୍ୱିତୀୟତଃ, ଯଦି ସରକାର ୧୦ ଡିସିମିଲ୍‌ର ଯେ କୌଣସି ଜମି (ଲଣ୍ଡା ପାହଡ଼ କିମ୍ବା ଅପନ୍ତରା ଜାଗାରେ) ଦିଅନ୍ତି, ତେବେ କେହି ମଧ ଆଇନତଃ ଆପତ୍ତି ଦର୍ଶେଇ ପାରିବେ ନାହିଁ, କାରଣ ସମ୍ପୃକ୍ତ ବାକ୍ୟରେ [ଧାରା ୮(୧ଡ଼ି)] କୁହାଯାଇନି ଯେ, ସରକାର କେବଳ ଘରଡ଼ିହ ଯୋଗ୍ୟ ଜମି ହିଁ ଦେବେ; ବରଂ କୁହାଯାଇଛି ଯେ, ଯଦି ଜମି ମିଳିବା ସମ୍ଭବ ହୁଏ, ତେବେ ଏକ ଦଶମାଂଶ ଏକର ଜମି ଘରଡିହ ଉଦ୍ଦେଶ୍ୟରେ ପ୍ରତି ବିସ୍ଥାପିତ ପରିବାରକୁ ଦିଆଯିବ । ଦ୍ୱିତୀୟତଃ, ଯଦି ଘରଡିହ ପାଇଁ ଜମି ନମିଳେ, ଅଥବା ବିସ୍ଥାପିତ ପରିବାର ନିଜେ ନିଜର ପୁନର୍ବସତି କରିବାକୁ ଚାହାଁନ୍ତି, ତେବେ ତାଙ୍କୁ ଘରଡିହ ବାବଦ ଏକକାଳୀନ ୫୦,୦୦୦ ଟଙ୍କାର ଆର୍ଥିକ

ସହାୟତା ମିଳିବ । ଅର୍ଥାତ୍, ସେହି ପରିବାରଟି ଆଗରୁ ଲକ୍ଷେ ଟଙ୍କା ମୂଲ୍ୟର ଘରଡିହ ସମ୍ପତ୍ତିର ଅଧିକାରୀ ହୋଇଥିଲେ ବି ତାଙ୍କୁ କେବଳ ୫୦ ହଜାର ଟଙ୍କା ମିଳିବ । ତା'ପରେ ଏହି ୫୦ ହଜାର ଟଙ୍କାରେ ଗୋଟିଏ ପରିବାର ଉପଯୁକ୍ତ ଗୁଣ ଓ ପରିମାଣର ଘରଡ଼ିହ ଜମି କ'ଣ ପାଇ ପାରିବେ ? ତୃତୀୟତଃ, ଯେଉଁ ବିସ୍ଥାପିତ ପରିବାର ନିଜ ପସନ୍ଦ ମୁତାବକ ଘର ନିର୍ମାଣ କରିବାକୁ ଚାହିଁବେ, ଏ ବାବଦରେ ତାଙ୍କୁ ଦେଢ଼ ଲକ୍ଷ ଟଙ୍କାର ଏକକାଳୀନ ଆର୍ଥିକ ସହାୟତା ପ୍ରକଳ୍ପ କର୍ତ୍ତୃପକ୍ଷ ଦେବେ ବୋଲି କୁହାଯାଇଛି । ଏଠାରେ ମଧ୍ୟ ପ୍ରଶ୍ନ ଉଠୁଛି, ସେହି ବ୍ୟକ୍ତିଙ୍କର ପୂର୍ବତନ ଘରବାଡ଼ିର ମୂଲ୍ୟ ଯେତେ ଅଧିକ (ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ) ହୋଇଥିଲେ ବି ତାଙ୍କୁ ମାତ୍ର ଦେଢ଼ଲକ୍ଷ ଦେବାର ଯୌକ୍ତିକତା କେଉଁଠି ? ପୁଣି ଏହି ଦେଢ଼ଲକ୍ଷ ଟଙ୍କାରେ ଗୋଟିଏ ପରିବାର ପକ୍ଷେ ଉପଯୁକ୍ତ ଘରବାଡ଼ି ନିର୍ମାଣ କରିବା ବର୍ତ୍ତମାନର ବଜାର ଦର ପରିପ୍ରେକ୍ଷିରେ ସମ୍ଭବ କି ? ସର୍ବୋପରି ପ୍ରଶ୍ନ ଉଠୁଛି, ପ୍ରକଳ୍ପ କର୍ତ୍ତୃପକ୍ଷ ଯଦି ଘରବାଡ଼ି ବାବଦରେ ଏହି ଦେଢ଼ଲକ୍ଷ ଟଙ୍କା ନଦିଅନ୍ତି, ତେବେ ଲୋକେ କ'ଣ କରିବେ ଓ କୁଆଡ଼େ ଯିବେ ? ସରକାର ଘରବାଡ଼ି ବାବଦ କ୍ଷତିପୂରଣ ଦେବାର ଦାୟିତ୍ୱକୁ ନିଜ ମୁଣ୍ଡରୁ ଖସାଇ ପ୍ରକଳ୍ପ କର୍ତ୍ତୃପକ୍ଷ (ଯେ କି ଏକ ବିଦେଶୀ କମ୍ପାନୀ ହୋଇପାରେ)ଙ୍କ କାନ୍ଧ ଉପରକୁ ଠେଲିଦେବା କେତେଦୂର ଯଥାର୍ଥ ?

**୨୪.** ଶିଳ୍ପ-ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ପରିବାରଙ୍କୁ ଦୋକାନ ଓ ଅନ୍ୟାନ୍ୟ ବୃତ୍ତିଗତ ଉଦ୍ୟୋଗ ଯୋଗାଇ ଦିଆଯିବ ବୋଲି ବିସ୍ଥାପନ ନୀତିର ଧାରା ୮(୧ଜି)ରେ କୁହାଯାଇଛି । କିନ୍ତୁ ଏଥିରେ ସ୍ପଷ୍ଟ କରିଦିଆଯାଇଛି ଯେ, ପ୍ରକଳ୍ପ କର୍ତ୍ତୃପକ୍ଷ (ଅର୍ଥାତ୍ ଘରୋଇ କମ୍ପାନୀ) ଏଗୁଡ଼ିକୁ ସେମାନେ ନିଜେ ଯଥାର୍ଥ ମନେକରୁଥିବା ସ୍ଥାନରେ ନିର୍ମାଣ କରିବେ ଏବଂ ଆତ୍ମ-ନିଯୁକ୍ତି ଚାହୁଁଥିବା ବିସ୍ଥାପିତ ପରିବାରମାନଙ୍କୁ ଜିଲ୍ଲାପାଳ ସେଗୁଡ଼ିକୁ ଆବଣ୍ଟନ କରିବେ । ଏଠାରେ ପ୍ରଶ୍ନ ଉଠୁଛି, ବିସ୍ଥାପିତ ପରିବାରଙ୍କ ଆବଶ୍ୟକତା ଓ ଚାହିଦାକୁ ଉପେକ୍ଷା କରି ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ମର୍ଜି ଉପରେ ଏହି ଆତ୍ମ-ନିଯୁକ୍ତି ବ୍ୟାପାରକୁ କାହିଁକି ଛାଡ଼ି ଦିଆଯାଇଛି ? ଦ୍ୱିତୀୟତଃ, ପ୍ରକଳ୍ପ କର୍ତ୍ତୃପକ୍ଷ ବନେଇଥିବା ଏହି ବ୍ୟବସାୟିକ ୟୁନିଟ୍‌ଗୁଡ଼ିକୁ ଜିଲ୍ଲାପାଳ ମନମୁଖୀଭାବେ ଆବଣ୍ଟନ କରିବାର ଆଶଙ୍କା ମଧ୍ୟ ରହିଛି । ବିସ୍ଥାପିତ ପରିବାରଙ୍କ ଆବଶ୍ୟକତାକୁ ଚାହିଁ ଯଥେଷ୍ଟ ସଂଖ୍ୟକ ଓ ଯଥେଷ୍ଟ ମାନବିଶିଷ୍ଟ ବ୍ୟବସାୟିକ ୟୁନିଟ୍ ନିର୍ମାଣ କରିବା ଓ ଆତ୍ମନିଯୁକ୍ତି ଆଶୟୀ ପ୍ରତି ବିସ୍ଥାପିତ ପରିବାରଙ୍କୁ ସମୟବଦ୍ଧ ଢଙ୍ଗରେ ସେଗୁଡ଼ିକୁ ଯୋଗାଇ ଦେବାର ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ଏହି ନୀତିରେ ନଥିବା ଫଳରେ ବ୍ୟବସାୟିକ କ୍ଷେତ୍ରରେ ଆତ୍ମନିଯୁକ୍ତି ପାଇଁ ସାହାଯ୍ୟ ପ୍ରଦାନର ପ୍ରତିଶ୍ରୁତି ଏକ ଧୂଆଁବାଣରେ ପରିଣତ ହୋଇ ପଡ଼ିବାର ଘୋର ଆଶଙ୍କା ରହିଛି ।

**୨୫.** ନୂତନ ବିସ୍ଥାପନ ନୀତିର ଧାରା ୧୦ରେ ଦର୍ଶାଯାଇଛି ଯେ, ନିଜ ଜମି ଓ ଘରଡ଼ିହ ଛାଡ଼ିବାପରେ ପ୍ରତି ବିସ୍ଥାପିତ ପରିବାରଙ୍କୁ ମାସିକ ୨ ହଜାର ଟଙ୍କାର ଭାଡିଆ ବର୍ଷକ ପାଇଁ ମିଳିବ । ଅସ୍ଥାୟୀ ବାସସ୍ଥାନ ବାବଦରେ ୧୦ ହଜାର ଟଙ୍କାର ଏକକାଳୀନ ଅର୍ଥ-ସାହାଯ୍ୟ ମିଳିବ, ତଥା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ତରଫରୁ ଗୃହସାମଗ୍ରୀ ସ୍ଥାନାନ୍ତର ପାଇଁ ମାଗଣା ପରିବହନ ବ୍ୟବସ୍ଥା କରାଯିବ ନଚେତ୍ ୨ହଜାର ଟଙ୍କା ମଳିବ । ଯାହା ମନେହୁଏ, ଆଉ କିଛି ମିଳୁ ନମିଳୁ, ଶେଷୋକ୍ତ ସହାୟତା, ଅର୍ଥାତ୍ ମାଗଣା ପରିବହନ ବା ଏହାର ପ୍ରତିବଦଳରେ ୨ହଜାର ଟଙ୍କାର ଆର୍ଥିକ ସହାୟତା ସମ୍ପୃକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷ ବା ଘରୋଇ କମ୍ପାନୀ ତରଫରୁ ନିଶ୍ଚିତ ରୂପେ ମିଳିବ ହିଁ ମିଳିବ । କାରଣ ସେମାନେ ଚାହିଁବେ, ବିସ୍ଥାପିତ ଲୋକେ ଯେତେ ଶୀଘ୍ର ନିଜର ଜମି ଓ ଘରବାଡ଼ି ଛାଡ଼ି ଦୂରଦୂରାନ୍ତକୁ ଚାଲିଯାଆନ୍ତୁ । ଅନ୍ୟ ଦୁଇଟି ସହାୟତା (ଯଥା - ମାସିକ ଭାଡିଆ ଓ ଅସ୍ଥାୟୀ ପଲା) ବି ମିଳିବାରେ, ଯଦିଓ କିଏ ଏହି ସହାୟତା ପ୍ରଦାନ କରିବ - ସରକାର/ଜିଲ୍ଲାପାଳ ନା ପ୍ରକଳ୍ପ କର୍ତ୍ତୃପକ୍ଷ ?, ତାହା ନୀତିରେ ସ୍ପଷ୍ଟଭାବେ ସୂଚିତ ହୋଇନାହିଁ । ପୁଣି କେତେଦିନ ଭିତରେ ଏହି ୨ ପ୍ରକାର ଆର୍ଥିକ ସହାୟତା ବିସ୍ଥାପିତ ପରିବାରଙ୍କୁ ମିଳିବା ବା କେତେଥର ପୁଣି ଦୂରଦୂରାନ୍ତ ସ୍ଥାନରୁ ସେମାନଙ୍କୁ ଏଥିପାଇଁ ସମ୍ପୃକ୍ତ କାର୍ଯ୍ୟାଳୟକୁ ଦଉଡ଼ିବାକୁ ପଡ଼ିବ, ତହିଁର ସୁନିର୍ଦ୍ଦିଷ୍ଟ ଅବତାରଣା ଏହି ନୀତିରେ ନାହିଁ ।

**୨୬.** ଓଡ଼ିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି ୨୦୦୬କୁ ସୂକ୍ଷ୍ମଭାବେ ଅନୁଧ୍ୟାନ କଲେ ଜଣାପଡ଼ିବ ଯେ, ଏଥିରେ ବିସ୍ଥାପିତ ପରିବାରମାନଙ୍କଠୁଁ ଜମି ଓ ଘରଡ଼ିହ ଶାଗମାଛ ଦରରେ ଅଧିଗ୍ରହଣ କରି ସେଗୁଡ଼ିକୁ ପ୍ରକଳ୍ପ କର୍ତ୍ତୃପକ୍ଷ ବା ଦେଶୀବିଦେଶୀ କମ୍ପାନୀ ହାତରେ ସମର୍ପିଦେବା ପାଇଁ ସରକାରଙ୍କ ଯେତିକି ଆନ୍ତରିକତା ପ୍ରକାଶ ପାଇଛି, ବିସ୍ଥାପିତ ପରିବାରଙ୍କୁ କ୍ଷତିପୂରଣ କି ଥଇଥାନ ପାଇଁ ତାହାର କାଣିଚାଏ ବି ଦୃଷ୍ଟିଗୋଚର ହେଉନାହିଁ । ଉଦାହରଣ ସ୍ୱରୂପ, ଗୋଟିଏ ପଟରେ ଧାରା ୪ରେ ଯେମିତି ସୁସ୍ପଷ୍ଟଭାବେ କୁହାଯାଇଛି ଯେ, ଜମି ଅଧିଗ୍ରହଣ ପାଇଁ ନୋଟିସ୍ ଜାରି ହେବାର ୨ମାସ ଭିତରେ ସରକାରଙ୍କ ଦ୍ୱାରା ବିସ୍ଥାପିତ ପରିବାରମାନଙ୍କୁ ଚିହ୍ନଟ କରାଯିବ, କିନ୍ତୁ ଅନ୍ୟପଟରେ ସେମାନଙ୍କୁ କେତେଦିନ ଭିତରେ କାହାଠାରୁ କେଉଁ ପୁନର୍ବସତି ବା ଥଇଥାନ ସାହାଯ୍ୟ ମିଳିବ, ସେ ବିଷୟରେ କୌଣସି ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ସୂଚୀତ ହୋଇନାହିଁ । ଦ୍ୱିତୀୟ ଉଦାହରଣ ହେଲା, ଧାର୍ଯ୍ୟ-ତାରିଖ ବା **Cut-off date** ସମ୍ବନ୍ଧରେ ଥିବା ଅସ୍ପଷ୍ଟତାକୁ ଦୂରକରିବା ନାଁରେ ଧାରା ୨(ସି)ରେ କୁହାଗଲା ଯେ, ଜମି ଅଧିଗ୍ରଅହଣ ପାଇଁ ଯେଉଁଦିନ ନୋଟିସ୍ ଜାରିହେବ, ସେହିଦିନ ହିଁ ବିସ୍ଥାପିତଙ୍କୁ ମିଳିବାକୁ ଥିବା କ୍ଷତିପୂରଣ ଆକଳନ ପାଇଁ ଭିତ୍ତି-ତାରିଖ ବୋଲି ବିବେଚିତ ହେବ । ଅର୍ଥାତ୍ ନୋଟିସ୍ ଜାରିହେବାର ଯେତେବର୍ଷ ପରେ ଜମିମାଲିକଙ୍କୁ ଯେତେବେଳେ କ୍ଷତିପୂରଣ ମିଳିବ, ତାହା ସେହି ନୋଟିସ୍ ତାରିଖରେ ପ୍ରଯୁଜ୍ୟ ଥିବା ଜମିର ମୂଲ୍ୟ ଅନୁଯାୟୀ ନିର୍ଦ୍ଧାରିତ ହେବ । କିନ୍ତୁ ସମସ୍ତେ ଜାଣନ୍ତି, ସମୟକ୍ରମେ ଜମିର ମୂଲ୍ୟ ବଢ଼ିଥାଏ ଏବଂ ବିଶେଷକରି ନୋଟିସ୍ ଜାରି ହେବା ପରେପରେ ପ୍ରକଳ୍ପ-ସ୍ଥାପନା କାରଣରୁ ସେହି ଜମିର ମୂଲ୍ୟ ହୁ ହୁ ହୋଇ ବଢ଼ିଥାଏ । ସୁତରାଂ ଏହା ସ୍ପଷ୍ଟ ଯେ, ଧାର୍ଯ୍ୟ ତାରିଖକୁ ସୁନିର୍ଦ୍ଦିଷ୍ଟ କରିବା ପଛରେ ସରକାରଙ୍କ ଅସଲ ମତଲବ୍ ହେଲା, ଶାଗମାଛ ଦରରେ ଲୋକଙ୍କ ଠାରୁ ଜମି କିଣି କମ୍ପାନୀକୁ ଚଢ଼ାଦରରେ ବିକ୍ରୀକରି ନିଜେ ମଝିରେ ଥିବା ବଳକା ମୂଲ୍ୟକୁ ହଡ଼ପ କରିବେ ଅଥବା କମ୍ପାନୀକୁ ଶସ୍ତାରେ ଜମି ଯୋଗାଇ ଦେଇ ସେମାନଙ୍କ ଠାରୁ ଅନ୍ୟାନ୍ୟ ସୁବିଧା ସୁଯୋଗ ଗୋପନରେ ହାସଲ କରିବେ । ଏହିପରି ଦ୍ୱୈତ ଚରିତ୍ର ବହନ କରିଥିବା ବ୍ୟବସ୍ଥା ଗୁଡ଼ିକରେ ଏହି ନୀତିଟି ଭରପୁର, ଯାହାର ମୂଳ ଉଦ୍ଦେଶ୍ୟ ହେଉଛି, ଯେନତେନ ପ୍ରକାରେଣ ଲୋକଙ୍କୁ ସେମାନଙ୍କ ଭିଟାମାଟିରୁ ଉଚ୍ଛେଦ କରିବା ଓ ଅନ୍ୟପଟରେ ସେମାନଙ୍କୁ ନ୍ୟାଯ୍ୟ ପାଉଣା ଦେବାର ଦାୟିତ୍ୱକୁ ବିଭିନ୍ନ ଆଳ ଦେଖାଇ ଟାଳି ଚାଲିବା ।

**୨୭.** ଆଶା କରାଯାଉଥିଲା, ବ୍ରିଟିଶ୍ ଶାସକମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଏବଂ ଏବେ ବି ବଳବତ୍ତର ଥିବା ଜମି ଅଧିଗ୍ରହଣ ଆଇନ୍ ୧୮୯୪ ଠାରୁ ଓଡ଼ିଶା ବିସ୍ଥାପନ ନୀତି ଅଧିକ ପ୍ରଗତିଶୀଳ ଓ ଲୋକାଭିମୁଖୀ ହେବ, ବିଶେଷ କରି ଯେତେବେଳେ କି ରାଜ୍ୟସରକାରଙ୍କ ବିଫଳ ବିସ୍ଥାପନ କାର୍ଯ୍ୟକ୍ରମକୁ କେନ୍ଦ୍ରକରି ନିକଟ ଅତୀତରେ କଳିଙ୍ଗ ନଗରର ରକ୍ତାକ୍ତ ବିଭୀଷିକା ଘଟିଯାଇଛି । କିନ୍ତୁ ଅବାକ୍ ହେବାକୁ ପଡୁଛି, ରାଜ୍ୟ ସରକାରଙ୍କ ସଦ୍ୟ ପ୍ରବର୍ତ୍ତିତ ବିସ୍ଥାପନ ନୀତି ଉପରୋକ୍ତ ଔପନିବେଶିକ ଆଇନ୍‌ଠାରୁ ମଧ୍ୟ ଅଧିକ ଜନବିରୋଧି ଓ ଅଗଣତାନ୍ତ୍ରିକ ହୋଇପଡ଼ିଛି ।

ପ୍ରଥମେ ଆମେ ଲକ୍ଷ୍ୟ କରିବା, ଇଂରେଜ ପ୍ରବର୍ତ୍ତିତ ୧୮୯୪ ଆଇନ୍‌ରେ କେଉଁ କେଉଁ ଜନ ବିରୋଧି ବ୍ୟବସ୍ଥା ଗୁଡ଼ିକର ସଂଶୋଧନ ଆବଶ୍ୟକ ଥିଲା ଓ ଅଛି । ସେଗୁଡ଼ିକ ହେଲା -

(କ) ଏକ ଘରୋଇ କମ୍ପାନୀର ସ୍ୱାର୍ଥକୁ ଜନସ୍ୱାର୍ଥ ବୋଲି ଦର୍ଶାଇବା;

(ଖ) ଗୋଟିଏ ପ୍ରକଳ୍ପ ସମ୍ବନ୍ଧରେ ଲୋକଙ୍କୁ ବିଧିବଦ୍ଧ ପ୍ରାକ୍-ସୂଚନା ନଦେଇ ଏବଂ ଲୋକଙ୍କ ମତାମତ ଆହ୍ୱାନ ନକରି ହଠାତ୍ ଏଥିପାଇଁ ଜମିଅଧିଗ୍ରହଣର ନୋଟିସ୍ ଜାରି କରିବା;

(ଗ) ଲୋକମତକୁ ଉପେକ୍ଷା କରି ପୋଲିସ୍ ସହାୟତାରେ ବଳପୂର୍ବକ ଲୋକଙ୍କୁ ବିସ୍ଥାପନ କରିବା;

(ଘ) 'ଜମି ବଦଳରେ ଜମି' କିମ୍ବା 'ଘରଡିହ ବଦଳରେ ଘରଡ଼ିହ' ନଯୋଗାଇ କେବଳ ଆର୍ଥିକ କ୍ଷତିପୂରଣର ବ୍ୟବସ୍ଥା ରଖିବା; ଏବଂ

(ଙ) କେବଳ ଯେଉଁମାନେ ଭୂମିବାନ୍, ସେମାନଙ୍କୁ କ୍ଷତିପୂରଣ ଦେବା, ଏବଂ ଭୂମିହୀନ ଓ ଗୃହହୀନଙ୍କ ପାଇଁ କୌଣସି ବ୍ୟବସ୍ଥା ନରଖିବା;

(ଚ) ସମୂହ ପ୍ରାକୃତିକ ସମ୍ପଦ(ନଦୀ, ଝରଣା, ଜଙ୍ଗଲ ଇତ୍ୟାଦି)କୁ କ୍ଷତିପୂରଣ ପାଇଁ ଆକଳନର ପରିସର ଭିତରକୁ ନନେବା;

(ଛ) ବିସ୍ଥାପନ ଫଳରେ ପେଷା ଓ ପରିବେଶ ହରାଇବା କାରଣରୁ ଘଟୁଥିବା 'କ୍ଷତି'କୁ ବିଚାରକୁ ନନେବା;

(ଜ) 'କ୍ଷତିପୂରଣ' ଓ ଅନ୍ୟାନ୍ୟ ବିବାଦୀୟ ପ୍ରସଙ୍ଗର ମୀମାଂସା ପାଇଁ କୋର୍ଟକୁ କ୍ଷମତା ଦିଆଯାଇଥିଲେ ହେଁ ଏହି ମୀମାଂସା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ନକରିବା ।

ଆଶା କରାଯାଉଥିଲା, ପ୍ରଚଳିତ ଭୂମି ଅଧିଗ୍ରହଣ ଆଇନ୍‌ର ଉପରୋକ୍ତ ଜନବିରୋଧି ବୈଶିଷ୍ଟ୍ୟ ଗୁଡ଼ିକୁ ଉପେକ୍ଷା କରି ଓଡ଼ିଶାର ନୂତନ ରାଜ୍ୟ ବିସ୍ଥାପନ ନୀତି ଉଭୟ ଶିଳ୍ପାୟନ ଓ ବିସ୍ଥାପିତଙ୍କ ଥଇଥାନର ଆବଶ୍ୟକତାକୁ ଆଖି ଆଗରେ ରଖି ଏକ ସୁସମନ୍ୱିତ ପ୍ରଗତିଶୀଳ ଓ ଲୋକାଭିମୁଖୀ ପୁନର୍ବାସ ଓ ପୁନଃସଂସ୍ଥାନ ବ୍ୟବସ୍ଥାର ଅବତାରଣା କରିବ । କିନ୍ତୁ ନୂଆ ରାଜ୍ୟନୀତିକୁ ସୂକ୍ଷ୍ମଭାବେ ବିଶ୍ଳେଷଣ କଲେ ଦେଖାଯିବ ଯେ, ଏହା ଉପରୋକ୍ତ ଆଇନ୍‌ର ମୂଳ ଜନବିରୋଧି ଚରିତ୍ର ବଜାୟ ରଖିବା ସହିତ ନୂଆକରି କେତେକ ବିପଜ୍ଜନକ ବ୍ୟବସ୍ଥାଗୁଡ଼ିକୁ ବୈଧାନିକ ରୂପ ଦେବାକୁ ଚେଷ୍ଟା କରିଛି; ଯଥା -

(କ) ଅଧିକୃତ ଜମି କି ଘରଡ଼ିହ ବଦଳରେ ଆନୁପାତିକ ଆର୍ଥିକ 'କ୍ଷତିପୂରଣ' ମିଳିବାର ପ୍ରଶ୍ନ ନାହିଁ; କେବଳ ଘରଡ଼ିହ ବା ଗୃହନିର୍ମାଣ ବାବଦରେ ଯାହାକିଛି ଏକକାଳୀନ ଆର୍ଥିକ 'ସହାୟତା' ମିଳିପାରେ [ଦ୍ରଷ୍ଟବ୍ୟ : ଧାରା ୮(୧)]

(ଖ) ଯିଏ ଯେତେ ଜମି ହରାଉଥାଉନା କାହିଁକି, ସେ 'ବିସ୍ଥାପିତ' ବୋଲି ପରିଗଣିତ ହେବନାହିଁ କି କ୍ଷତିପୂରଣ ଦାବୀ କରିପାରିବନି [ଦ୍ରଷ୍ଟବ୍ୟ : 'ବିସ୍ଥାପିତ ପରିବାର'ର ସଂଜ୍ଞା-ଧାରା ୨ (ଡି)]

(ଗ) କମ୍ପାନୀର ଠିକାଦର ପାଖରେ ଦିନମଜୁରିଆର କାମଦେଇ ନିଯୁକ୍ତି ଦିଆଗଲା ବୋଲି କୁହାଯାଇ ପାରିବ [ଦ୍ରଷ୍ଟବ୍ୟ : ଧାରା ୨ (ଏକ୍ସ)]

(ଘ) ସରକାର ନିଜେ କମ୍ପାନୀ ତରଫରୁ ଜମି ଅଧିଗ୍ରହଣ ପାଇଁ ନୋଟିସ୍ ଜାରି କରିବା ଓ ପଦକ୍ଷେପ ନେବାର କ୍ଷମତା ନିଜ ହାତରେ ରଖିଥିବା ବେଳେ ସମ୍ପୃକ୍ତ କମ୍ପାନୀ ପୁନର୍ବାସ ଓ ପୁନଃସଂସ୍ଥାନର ବିଭିନ୍ନ ସୁବିଧାସୁଯୋଗ ବିସ୍ଥାପିତ ଲୋକଙ୍କୁ ଯୋଗାଇ ଦେବ ବୋଲି ଏହି ନୀତିରେ ତୁହାକୁ ତୁହା କୁହାଯାଇଛି । କମ୍ପାନୀ ପାଖକୁ ଲୋକେ କେମିତି ଯିବେ, କମ୍ପାନୀ କେତେ ଦିନ ଭିତରେ ଏହି ସୁବିଧାସୁଯୋଗ ଯୋଗାଇଦେବ, ଏବଂ କମ୍ପାନୀ ଯଦି ଲୋକଙ୍କୁ ବେଖାତିର୍ କରେ, ତେବେ ଲୋକେ କ'ଣ କରିବେ, ଏ ସବୁ ବିଷୟରେ ନୀତି ମଧ୍ୟରେ କୌଣସି ସୁସ୍ପଷ୍ଟ ଦିଗନିର୍ଦ୍ଦେଶ ନାହିଁ ।

(ଙ) ଭୂମିହୀନ ଓ ଗୃହହୀନ ଜବରଦଖଲକାରୀ ବିସ୍ଥାପିତ ପରିବାରଙ୍କୁ ଘର ଓ ଜମି ମିଳିବା କଥା କୁହାଯାଇଥିଲେ ବି ନା ଘର, ନା ଜମି ନା ଏବାବଦରେ କିଛି ଆର୍ଥିକ କ୍ଷତିପୂରଣ ମିଳିବାର କାଣିଚାଏ ସମ୍ଭାବନା ଅଛି । କାରଣ ସମ୍ପୃକ୍ତ ଧାରାରେ ଯେଉଁସବୁ ପୁରୁଣା ଆଇନ୍‌କାନୁନ୍‌ର ସର୍ତ୍ତମାନ ପାଳନ କରିବା କଥା କୁହାଯାଇଛି, ତାହା କୌଣସି ଭୂମିହୀନ ଓ ଗୃହହୀନ ବ୍ୟକ୍ତି ପକ୍ଷେ ସମ୍ଭବ ନୁହେଁ (ଦ୍ରଷ୍ଟବ୍ୟ : ଧାରା ୯)

(ଚ) ଅତୀତରେ ବିସ୍ଥାପିତ ଲୋକେ ଜମି ଅଧିଗ୍ରହଣ କରିଥିବା ସରକାରଙ୍କ ପାଖରୁ ନିଜର ନ୍ୟାଯ୍ୟ ଦାବୀ ଓ ପ୍ରାପ୍ୟ ହାସଲ କରିବା ପାଇଁ ଅଦାଲତର ଆଶ୍ରୟ ନେଇ ପାରୁଥିଲେ; କିନ୍ତୁ ବର୍ତ୍ତମାନର ନୀତି ଅନୁଯାୟୀ ସେମାନେ ଜମି ଅଧିଗ୍ରହଣ କରୁଥିବା ରାଜସ୍ୱ ବିଭାଗ ନିକଟରେ ହିଁ କେବଳ ନିଜର ଅଭିଯୋଗ ଦାଖଲ କରିପାରିବେ । ଅର୍ଥାତ୍, ଏହି ନୀତି ଅନୁଯାୟୀ ଯିଏ ଆସାମୀ ସେଇ ହିଁ ବିଚାରକ ହେବ (ଦ୍ରଷ୍ଟବ୍ୟ : ଧାରା ୧୫, ୨୦ ଓ ୨୨)

(ଛ) ଅତୀତର ବ୍ୟବସ୍ଥା ବିଶେଷକରି ଜମି ଅଧିଗ୍ରହଣ ଆଇନ୍ ୧୮୯୪ ଅନୁଯାୟୀ 'ସରକାର'ର ଯେଉଁ ସଂଜ୍ଞା ଥିଲା, ତାକୁ ସଙ୍କୁଚିତ କରାଯାଇ ସରକାର ବୋଇଲେ 'ରାଜସ୍ୱ ବିଭାଗ' ବୋଲି ବୁଝାଯିବ ବୋଲି କୁହାଯାଇଛି । ଯାହା ଫଳରେ ଗୋଟିଏ ପ୍ରସ୍ତାବିତ ପ୍ରକଳ୍ପ ଯେଉଁ ବିଷୟ ବା ବିଭାଗ ସହ ସମ୍ପୃକ୍ତ ହୋଇ ଥାଉନା କାହିଁକି, ତହିଁର ଚୂଡ଼ାନ୍ତ ନିୟନ୍ତ୍ରଣ ଜମି ଅଧିଗ୍ରହଣ କରୁଥିବା ରାଜସ୍ୱ ବିଭାଗ ହାତରେ କେନ୍ଦ୍ରୀଭୂତ ହୋଇ ରହିବ ଓ ଏହା ଫଳରେ ଅମଲାତାନ୍ତ୍ରିକ ମନମୁଖିତା ବଢ଼ି ଚାଲିବ [ଦ୍ରଷ୍ଟବ୍ୟ, ଧାରା ୨(ଜି)] ।

ସୁତରାଂ ଗୋଟିଏ କଥାରେ କହିଲେ, ବର୍ତ୍ତମାନର ରାଜ୍ୟ ବିସ୍ଥାପନ ନୀତି ଔପନିବେଶିକ ଅମଳର ଜମି ଅଧିଗ୍ରହଣ ଆଇନ୍ ୧୮୯୪ର ମୂଳ ଜନବିରୋଧି ଚରିତ୍ର ବଜାୟ ରଖିବା ସହିତ, ସେଥିରେ ବିସ୍ଥାପିତ ଲୋକମାନଙ୍କ ପ୍ରାପ୍ୟ ଓ ଅଧିକାର ସପକ୍ଷରେ ଯେତିକି ଅଳ୍ପ କିଛି ବ୍ୟବସ୍ଥା ଥିଲା, ସେଗୁଡ଼ିକୁ ମଧ୍ୟ ଅତି ସୁଚତୁର ପରିଭାଷା ଆଢୁଆଳରେ କାଢ଼ି ନେଇଛି । ତେଣୁ ଏହାକୁ 'ହାତରେ ନମାରି ଭାତରେ ମାରିବା' ନୀତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

**୨୮.** ସମସ୍ତେ ଜାଣନ୍ତି, ୧୯୪୮ର ହୀରାକୁଦ ନଦୀବନ୍ଧ ଯୋଜନାଠାରୁ ଆରମ୍ଭ କରି ଏଯାବତ୍ ଯେତେସବୁ ସରକାରୀ କି ଘରୋଇ ପ୍ରକଳ୍ପ ପାଇଁ ସରକାର ଜମି ଅଧିଗ୍ରହଣ କରିଆସିଛନ୍ତି, ତଦ୍ୱାରା ବିସ୍ଥାପିତ ହୋଇଥିବା ପରିବାରଙ୍କ ଭିତରୁ ଅଧିକାଂଶଙ୍କୁ ଏବେ ବି ପୁନର୍ବାସ ଓ ପୁନଃସଂସ୍ଥାନର ପ୍ରାପ୍ୟ ମିଳିପାରିନାହିଁ, ଯାହା ଫଳରେ କି ମଝିରେ ମଝିରେ ସେମାନଙ୍କ ପୁଞ୍ଜିଭୂତ ଅସନ୍ତୋଷ ବିଦ୍ରୋହର ରୂପ ନେଉଛି । ବଡ଼ ବିସ୍ମୟର କଥା, ବର୍ତ୍ତମାନର ରାଜ୍ୟ ବିସ୍ଥାପନ ନୀତିରେ ଏହି ପିଛିଲା ପ୍ରକଳ୍ପଗୁଡ଼ିକର ବିସ୍ଥାପିତ ପରିବାରମାନଙ୍କୁ ସେମାନଙ୍କର ବକେୟା ପାଉଣା ପ୍ରଦାନ କରିବା ବିଷୟରେ କିଛି କୁହାଯାଇନି କିମ୍ୱା କୌଣସି ପ୍ରକଳ୍ପ ପାଇଁ ଅଧିଗୃହୀତ ଜମି ଯଦି ଏବେବି ଅବ୍ୟବହୃତ ହୋଇ ପଡ଼ି ରହିଛି, ସେସବୁକୁ ମୂଳ ଜମିମାଲିକଙ୍କୁ ହସ୍ତାନ୍ତର କରିବା ସମ୍ବନ୍ଧରେ ମଧ୍ୟ କିଛି କୁହାଯାଇନି । ବରଂ ଏହି ନୀତିରେ ସ୍ପଷ୍ଟ କରିଦିଆଯାଇଛି ଯେ, ଏହା ଘୋଷଣା ହେବା ପରଠୁଁ ଭବିଷ୍ୟତର ପ୍ରକଳ୍ପଗୁଡ଼ିକ ପ୍ରତି ଏହା ପ୍ରଯୁଜ୍ୟ ହେବ [ଦ୍ରଷ୍ଟବ୍ୟ ଧାରା ୧(୨)]

**୨୯.** କେବଳ ଟାଇପ୍ 'ସି' ଅର୍ଥାତ୍ ଜଳସଂପଦ, ଜାତୀୟ ପାର୍କ ଓ ଅଭୟାରଣ୍ୟ ଭଳି ପ୍ରକଳ୍ପଗୁଡିକ କ୍ଷେତ୍ରରେ 'କୃଷିଜମି ପାଇଁ ସହାୟତା' ର ବ୍ୟବସ୍ଥା ରଖାଯାଇଛି [ଦ୍ରଷ୍ଟବ୍ୟ- ଧାରା ୮(୩-ସି)] । ମନେ ରଖିବାକୁ ହେବ, ଏହା କ୍ଷତିପୂରଣ (Compensation) ନୁହେଁ, ବରଂ ସହାୟତା (Assistance) ମାତ୍ର । ଅର୍ଥାତ୍, ଜଣେ ବ୍ୟକ୍ତି ଯେତେ ପରିମାଣର ପଟ୍ଟାଥିବା ଜମି ହରାନ୍ତୁ ନା କାହିଁକି, ତାଙ୍କୁ ସେହି ପରିମାଣର ସମଗୁଣବିଶିଷ୍ଟ ଜମି ମିଳିବ ନାହିଁ କିମ୍ବା ସେ ବାବଦରେ ଆର୍ଥିକ କ୍ଷତିପୂରଣ ମିଳିବ ନାହିଁ; ଅନ୍ୟପଟରେ ସହାୟତା ନାଁ ରେ ଯାହା ମିଳିବ ବୋଲି କୁହାଯାଇଛି, ତାହା ଏତେସବୁ 'ଯଦି-କିନ୍ତୁ' ଉପରେ ନିର୍ଭରଶୀଳ ଯେ, ଶେଷରେ କାହାକୁ କିଛି ମୋଟେ ନମିଳି ପାରେ । ପ୍ରଥମେ କୁହଯାଇଛି ଯେ, ଅନୁସୂଚିତ ଜନଜାତି ବା ଆଦିବାସୀ ସଂପ୍ରଦାୟ ଅନ୍ତର୍ଗତ ପ୍ରତି ବିସ୍ଥାପିତ ପରିବାରଙ୍କୁ ଅଢେଇ ଏକର ଜଳସେଚିତ ଜମି ବା ପାଞ୍ଚ ଏକର ଅଣଜଳସେଚିତ ଜମି, ଏବଂ ଅନ୍ୟସବୁ ଶ୍ରେଣୀ ଅନ୍ତର୍ଗତ ପ୍ରତି ବିସ୍ଥାପିତ ପରିବାରଙ୍କୁ ଦୁଇ ଏକର ଜଳସେଚିତ ଜମି ବା ଚାରି ଏକର ଅଣଜଳସେଚିତ ଜମି ଯୋଗାଇ ଦିଆଯିବ । କିନ୍ତୁ ଏହାପରେ ପୁଣି କୁହାଗଲା ଯେ, ଯଦି ଜମି ନମିଳେ, ତେବେ ଜମି ପ୍ରତିବଦଳରେ ସମତୁଲ୍ୟ ନଗଦ ଅର୍ଥ ଦିଆଯିବ– ଏକ ଏକର ଜଳସେଚିତ ଜମି ବାବଦ ଏକ ଲକ୍ଷ ଟଙ୍କା ଓ ଜମିମରାମତି ଖର୍ଚ୍ଚକୁ ମିଶେଇ ଏକ ଏକର ଅଣଜଳସେଚିତ ଜମି ବାବଦ ପଚାଶ ହଜାର ଟଙ୍କା ହାରରେ । ଏହି ଆର୍ଥିକ ସାହାଯ୍ୟ ବି ମୋଟେ ନମିଳିପାରେ, କାରଣ ଶେଷରେ କୁହାଗଲା ଯେ, ଉପରେ ଯେଉଁ ହାର ଠିକ୍ ହୋଇଥାଉନା କାହିଁକି, ସରକାର ଏ ବାବଦରେ ଯାହା ନିଷ୍ପତ୍ତି ନେବେ, ତାହାହିଁ କାର୍ଯ୍ୟକାରୀ ହେବ । ସୁତରାଂ ଆମେ ଦେଖିଲେ ଯେ, ଅଧିକୃତ ଜମି ବାବଦରେ ଆନୁପାତିକ ଜମି ବା ଆର୍ଥିକ କ୍ଷତିପୂରଣ ମିଳିବାର ପ୍ରଶ୍ନ ନାହିଁ କିମ୍ବା ଆର୍ଥିକ ସାହାଯ୍ୟ ମଧ୍ୟ ମିଳିବାର ପ୍ରଶ୍ନ ନାହିଁ ।

**୩୦.** କେବଳ ଟାଇପ୍ 'ସି' ଅର୍ଥାତ୍ ଜଳସଂପଦ, ଜାତୀୟ ପାର୍କ ଓ ଅଭୟାରଣ୍ୟ ଭଳି ପ୍ରକଳ୍ପଗୁଡିକ କ୍ଷେତ୍ରରେ ଆଉ ଗୋଟିଏ ଆପାତ-ଆକର୍ଷଣୀୟ ବ୍ୟବସ୍ଥା ରଖାଯାଇଛି, ଯଥା- ଗୋଟିଏ ମୂଳବାସୀ ବିସ୍ଥାପିତ ପରିବାର ପାଇଁ ଅଢେଇ ଏକର ଜଳସେଚିତ ଜମି ବା ପାଞ୍ଚ ଏକର ଅଣଜଳସେଚିତ ଜମି ତଥା ଅନ୍ୟସବୁ ଶ୍ରେଣୀ ଅନ୍ତର୍ଗତ ଗୋଟିଏ ବିସ୍ଥାପିତ ପରିବାର ପାଇଁ ଦୁଇ ଏକର ଜଳସେଚିତ ଜମି ବା ଚାରି ଏକର ଅଣଜଳସେଚିତ ଜମିର ରେଜିଷ୍ଟ୍ରେସନ୍ ଖର୍ଚ୍ଚ ମିଳିବ । [ଦ୍ରଷ୍ଟବ୍ୟ- ଧାରା ୮(୩ଡି)] । କିନ୍ତୁ ଯେଉଁ ବକ୍ରିଳ ଭାଷା-ଚାତୁର୍ଯ୍ୟ ସହକାରେ ଏହାକୁ ଉପସ୍ଥାପନା କରାଯାଇଛି, ତାହାକୁ ସୂକ୍ଷ୍ମଭାବେ ଅନୁଧ୍ୟାନ କଲେ ଜଣାପଡିବ ଯେ, ଏହା ଏକ ନିରୋଳା ପ୍ରବଞ୍ଚନା ମାତ୍ର । ପ୍ରଥମତଃ, ଏହି ବ୍ୟବସ୍ଥା ଅନୁଯାୟୀ ଯେଉଁ ଆଦିବାସୀ କି ଅଣଆଦିବାସୀ ପରିବାରମାନଙ୍କୁ ଜମି ମିଳିଥିବ, ସେମାନଙ୍କୁ ରେଜଷ୍ଟ୍ରେସନ୍ ଖର୍ଚ୍ଚ ମିଳିବନାହିଁ, ଅଥଚ ଯେଉଁମାନେ ଜମି ବଦଳରେ ଏକକାଳୀନ ନଗଦ ଅର୍ଥ ଚାହିଁଥିବେ, ସେମାନଙ୍କୁ ଏହା ଦିଆଯିବ । ଆମେ ଆଗରୁ [ଦ୍ରଷ୍ଟବ୍ୟ- ଧାରା ୮(୩-ସି)] ଦେଖି ସାରିଛେ ଯେ, ନଗଦ ଅର୍ଥ ମିଳିବା ନମିଳିବା ପୁରାପୁରି ସରକାରଙ୍କ ମର୍ଜି ଉପରେ ନିର୍ଭର କରେ । ଦ୍ୱିତୀୟତଃ ବିସ୍ଥାପନର ୫ବର୍ଷ ଭିତରେ ଏହା ମିଳିବ । ତୃତୀୟତଃ ଏହି ରେଜଷ୍ଟ୍ରେସନ୍ ଖର୍ଚ୍ଚ ସରକାର ଦେବେନାହିଁ, ସଂପୃକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷ ବା ଦେଶୀ-ବିଦେଶୀ ଘରୋଇ କମ୍ପାନୀ ଦେବେ । ଲୋକେ ସେମାନଙ୍କ ଠାରୁ ଏହି ଅର୍ଥ କିପରି ଆଦାୟ କରିବେ, ଏବଂ ସେମାନେ ଯଦି ନଦିଅନ୍ତି, ଲୋକେ କ'ଣ କରିବେ, ଏ ବିଷୟରେ କୌଣସି ସୂଚନା ଦିଆଯାଇନି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଲୋକଙ୍କୁ ଜମି ସହିତ ଜମିର ରେଜଷ୍ଟ୍ରେସନ୍ ଖର୍ଚ୍ଚ ମିଳିବ ବୋଲି ଯେଉଁ ଥୋପ ଗୁନ୍ଥାଯାଇଛି, ତଦ୍ୱାରା କି ଆଦିବାସୀ କି ଅଣଆଦିବାସୀ, ସମସ୍ତେ ନିଜର ଜମିବାଡି ହରେଇ ସର୍ବସ୍ୱାନ୍ତ ହେବେ ସିନା, କାହାଠାରୁ ପଇସାଏ ପାଇବାର ସମ୍ଭାବନା ନାହିଁ ।

**୩୧.** ଏହି ନୀତିର ବିଭିନ୍ନ ସ୍ଥାନରେ ବିସ୍ଥାପିତ ପରିବାରମାନଙ୍କୁ, କେଉଁଠି ସରକାର ତ କେଉଁଠି ପ୍ରକଳ୍ପ କର୍ତ୍ତୃପକ୍ଷ ଥଇଥାନ ବାବଦରେ ବିଭିନ୍ନ ପ୍ରକାର ସୁବିଧାସୁଯୋଗ ଯୋଗାଇଦେବେ ବୋଲି କୁହାଯାଇଛି । କିନ୍ତୁ ଯଦି ସେମାନେ ଠିକଣା ସମୟରେ ଏବଂ ଠିକଣା ରୀତିରେ ଏସବୁକୁ ଯୋଗାଇ ଦେବାରେ ଖିଲାପ୍ କରନ୍ତି,

ତେବେ ସେମାନଙ୍କ ପ୍ରତି କି ଦଣ୍ଡବିଧାନ କରାଯିବ, ସେ ବିଷୟରେ ଏହି ନୀତିରେ କୌଣସି ବ୍ୟବସ୍ଥା ନାହିଁ । ଏଠାରେ ଉଲ୍ଲେଖନୀୟ ଯେ, ବ୍ରିଟିଶ୍‌ମାନଙ୍କ ଦ୍ୱାରା ତିଆରି ଏବଂ ଏପର୍ଯ୍ୟନ୍ତ ବଳବତ୍ତର ଥିବା ଜମି ଅଧିଗ୍ରହଣ ଆଇନ୍ ୧୮୯୪ [ଦ୍ରଷ୍ଟବ୍ୟ-ଧାରା ୨୭(୨)] ଅନୁଯାୟୀ, ଯଦି କୋର୍ଟ ଅନୁଭବ କରନ୍ତି ଯେ, ଜଣେ ଜିଲ୍ଲାପାଳ ସଂପୃକ୍ତ ବିସ୍ଥାପିତ ଜମିମାଲିକଙ୍କୁ ଉପଯୁକ୍ତ ପରିମାଣର କ୍ଷତିପୂରଣ ଦେଇନାହାନ୍ତି, ତେବେ ସେ ନିଜେ ଏହି ବକେୟା ପାଉଣାକୁ ଭରଣା କରିବେ । ବଡ ବିସ୍ମୟର କଥା, ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିସ୍ଥାପିତ ଜନତାଙ୍କ ସ୍ୱାର୍ଥରେ ଏତାଦୃଶ ପ୍ରତିକାର ଓ ଦଣ୍ଡବିଧାନ ବ୍ୟବସ୍ଥା ଯେତେବେଳେ ବର୍ତ୍ତମାନ ମୁହୂର୍ତ୍ତରେ ଅଧିକ କଠିନ ଓ ଦୃଷ୍ଟାନ୍ତମୂଳକ ହେବା ଉଚିତ୍ ଥିଲା, ସେତେବେଳେ ଓଡିଶା ସରକାରଙ୍କ ନୂତନ ନୀତି ଏହାକୁ ସଂପୂର୍ଣ୍ଣଭାବେ ଉଠାଇ ଦେଇଛି ଏବଂ ତଦ୍ୱାରା ଉଭୟ ଅମଲାଗୋଷ୍ଠୀ ଏବଂ ଦେଶୀବିଦେଶୀ ଘରୋଇ କମ୍ପାନୀମାନଙ୍କୁ ବିସ୍ଥାପିତ ଲୋକଙ୍କ ପ୍ରତି ମନମୁଖୀ ଆଚରଣ କରିବା ପାଇଁ ରାସ୍ତା ପରିଷ୍କାର କରିଦେଇଛି ।

**୩୨.** ଟାଇପ୍ 'ଡି'ର ପ୍ରକଳ୍ପ, ଅର୍ଥାତ୍ ସହରାଞ୍ଚଳ ବା ଦୈର୍ଘ୍ୟାକାର ପ୍ରକଳ୍ପ କ୍ଷେତ୍ରରେ ଜଣେ ବ୍ୟକ୍ତି ଯେତେ ଚାଷଜମି ହରାଉଥାନ୍ତୁ ନା କାହିଁକି, ତାଙ୍କୁ ଜମି କିମ୍ବା ଆର୍ଥିକ କ୍ଷତିପୂରଣ କିଛି ମିଳିବାର ବ୍ୟବସ୍ଥା ନାହିଁ । ଯଦି ଜମି ଉପଲବ୍ଧ ହେଉଥାଏ, ତେବେ କେବଳ ଘରଡିହ ହରାଉଥିବା ପରିବାରଙ୍କୁ ଗ୍ରାମାଞ୍ଚଳରେ ମୋଟ ଦଶ ଡିସିମିଲ୍ ଏବଂ ସହରାଞ୍ଚଳରେ ୪ ଡିସିମିଲ୍ ଜମି ମଳିବ ତଥା ଗୃହନିର୍ମାଣ ବାବଦରେ ଦେଢ଼ଲକ୍ଷ ଟଙ୍କା ମିଳିବ । କିନ୍ତୁ ବିସ୍ଥାପିତ ପରିବାରମାନଙ୍କୁ ଏହି ଘରଡିହ ଜମି ବା ଗୃହନିର୍ମାଣ ସାହାଯ୍ୟ କିଏ ଯୋଗାଇଦେବ- ସରକାର ନା ପ୍ରକଳ୍ପ କର୍ତ୍ତୃପକ୍ଷ- ସେ ସମ୍ବନ୍ଧରେ କୌଣସି ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ସୂଚିତ ହୋଇନାହିଁ । ଅନ୍ୟପକ୍ଷରେ, ଏକ ଅତ୍ୟନ୍ତ ବିପଜ୍ଜନକ ବ୍ୟବସ୍ଥା ନୂଆକରି ଚାଲୁ କରିବା ପାଇଁ ଏହି ନୀତି ମାଧ୍ୟମରେ ଏକ ଅପଚେଷ୍ଟା ଆରମ୍ଭ କରାଯାଇଛି; ତାହା ହେଲା, ପ୍ରକଳ୍ପ କର୍ତ୍ତୃପକ୍ଷ, ଯେ କି କୌଣସି ଦେଶୀ ବା ବିଦେଶୀ ଘରୋଇ କମ୍ପାନୀ ହୋଇପାରନ୍ତି, ସେ ନିଜେ ମଧ୍ୟ ସରକାରଙ୍କ ଭଳି ଲୋକମାନଙ୍କ ଠାରୁ ସିଧାସଳଖ ଜମି ଅଧିଗ୍ରହଣ କରିପାରନ୍ତି [ଦ୍ରଷ୍ଟବ୍ୟ- ଧାରା ୮(୪)]। ଏହାଛଡା, ସହରାଞ୍ଚଳ ବା ଦୈର୍ଘ୍ୟାକାର ପ୍ରକଳ୍ପଗୁଡିକ କ୍ଷେତ୍ରରେ ଆଉ ଏକ ବିଭ୍ରାନ୍ତିକର କଥା କୁହାଯାଇଛି; ତାହାହେଲା, ଯେଉଁ ପରିବାରମାନେ ସଂପୂର୍ଣ୍ଣରୂପେ ବିସ୍ଥାପିତ ହେବେ, ସେମାନଙ୍କ ଭିତରୁ ପ୍ରତି ପରିବାରର ଜଣେ ବ୍ୟକ୍ତିଙ୍କୁ ପ୍ରକଳ୍ପରେ ନିଯୁକ୍ତି ଦିଆଯିବ, କିନ୍ତୁ ଯଦି ପୁନଃସଂସ୍ଥାନ ଓ ପରିପାର୍ଶ୍ୱ ଉନ୍ନୟନ କମିଟି (RPDAC) ମନେକରନ୍ତି ଯେ, ଏପରି ନିଯୁକ୍ତି ଯୋଗାଣ ସମ୍ଭବ ନୁହେଁ, ତେବେ ପ୍ରକଳ୍ପ କର୍ତ୍ତୃପକ୍ଷ ସଂପୃକ୍ତ ବିସ୍ଥାପିତ ପରିବାରଙ୍କୁ ଏକକାଳୀନ ଆର୍ଥିକ ସହାୟତା ଯୋଗାଇଦେବେ, ସେହି ହାରରେ ଯାହାକି ସରକାର (ଅର୍ଥାତ୍ ରାଜସ୍ୱ ବିଭାଗ) ସ୍ଥିର କରିବେ । ଏଥିରୁ ମନେ ହୁଏ, ନୂତନ ନୀତି କାର୍ଯ୍ୟକାରୀ ହେଲେ, ସହରାଞ୍ଚଳ ବା ଦୈର୍ଘ୍ୟାକାର ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ହେଉଥିବା କୌଣସି ବ୍ୟକ୍ତିଙ୍କୁ କିଛି ସୁନର୍ଦ୍ଦିଷ୍ଟ ପ୍ରାପ୍ୟ ମିଳିବ ନାହିଁ; ଅପରପକ୍ଷରେ ବାସଚ୍ୟୁତ ପରିବାରମାନଙ୍କୁ ପୁନର୍ବାସ କରେଇବା ନାଁରେ ଦେଶୀବିଦେଶୀ ଘରୋଇ କମ୍ପାନୀମାନଙ୍କୁ ପୋଲିସ୍-ପ୍ରଶାସନ ସାହାଯ୍ୟରେ ସାଧାରଣ ଲୋକଙ୍କ ଠାରୁ ସିଧାସଳଖ ଜମି ଅଧିଗ୍ରହଣ (ମୂଲଚାଲ ଜରିଆରେ ଜମିକିଣା ନୁହେଁ) ପାଇଁ ଏହି ନୀତି ସେମାନଙ୍କୁ କ୍ଷମତାପ୍ରାପ୍ତ କରେଇବାକୁ ଯାଉଛି ।

**୩୩.** ଅତୀତର ଅଭିଜ୍ଞତାରୁ ଏହା ସୁସ୍ପଷ୍ଟ ହୋଇଛି ଯେ, ବିସ୍ଥାପିତ ପରିବାରମାନଙ୍କୁ ଯେଉଁ ଅଞ୍ଚଳରେ ନାମକୁ ମାତ୍ର ପୁନର୍ବାସ କରାଯାଏ, ସେସବୁ ଅଞ୍ଚଳରେ ସଭ୍ୟ ଜୀବନ ବିତେଇବାର ନ୍ୟୁନତମ ମୌଳିକ ସୁବିଧାସୁଯୋଗଗୁଡିକ, ଯଥା- ରାସ୍ତା, ପାଣି, ବିଜୁଳି, ଡାକ୍ତରଖାନା ଓ ହାଟବଜାର ଇତ୍ୟାଦି ନଥାଏ; ଯାହାଫଳରେ କି ବିସ୍ଥାପିତ ଲୋକେ କିଛିଦିନ ଅନ୍ତେ ସେ ସ୍ଥାନ ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥାନ୍ତି । ପ୍ରସ୍ତାବିତ ନୀତିରେ ପରିପାର୍ଶ୍ୱ ଉନ୍ନୟନ (Periphery Development) କଥା ବାରମ୍ବାର କୁହାଯାଇଛି, କିନ୍ତୁ ବିସ୍ଥାପିତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପୁନର୍ବାସ ବସତି (Resettlement Habitat)ରେ ଏହିସବୁ ମୌଳିକ ସୁବିଧାସୁଯୋଗ ଯେ ରହିବା କଥା, ଏବଂ ସେଗୁଡିକୁ ଥଇଥାନ ବ୍ୟବସ୍ଥାର ଏକ ଅପରିହାର୍ଯ୍ୟ ଅଂଶ ରୂପେ

**ବିଚାର କରାଯିବା କଥା, ସେ ବିଷୟରେ ନୂତନ ନୀତିରେ କୌଣସି ସୂଚନା ନାହିଁ । ବରଂ 'ପରିପାର୍ଶ୍ୱ'ର ସଂଜ୍ଞାକୁ ସଂବର୍ଦ୍ଧନ କରାଯାଇ କୁହାଯାଇଛି ଯେ, ସଂପୃକ୍ତ ପ୍ରକଳ୍ପଟି ଯେଉଁ ଜିଲ୍ଲାରେ ଅବସ୍ଥିତ ଥିବ, ସେହି ଜିଲ୍ଲାର ସମୁଦାୟ ଅଞ୍ଚଳଟି ପରିପାର୍ଶ୍ୱ ବୋଲି ବୁଝାଯିବ [ଦ୍ରଷ୍ଟବ୍ୟ- ଧାରା ୨(କେ)], ଏବଂ ଏହି ବାହାନାରେ ସଂପୃକ୍ତ ପ୍ରକଳ୍ପ କର୍ତ୍ତୃପକ୍ଷ ବା ଦେଶୀବିଦେଶୀ ଘରୋଇ କମ୍ପାନୀଙ୍କୁ ସମଗ୍ର ଜିଲ୍ଲାର ପ୍ରାକୃତିକ ଏବଂ ଅନ୍ୟାନ୍ୟ ସମ୍ପଦକୁ ନିଜସ୍ୱାର୍ଥରେ ବ୍ୟବହାର କରିବା ପାଇଁ ବାଟ ମିଳିଯିବ । ସୁତରାଂ ଗୋଟିଏ ପଟରେ ଥଇଥାନ ବସତିରେ ବିସ୍ଥାପିତ ପରିବାରମାନଙ୍କୁ ସଭ୍ୟସମାଜର ନ୍ୟୂନତମ ସୁଯୋଗରୁ ବଞ୍ଚିତ ରଖିବା, ଏବଂ ଅନ୍ୟ ପଟରେ ଘରୋଇ କମ୍ପାନୀମାନଙ୍କୁ ସମଗ୍ର ଜିଲ୍ଲାର ସର୍ବସାଧାରଣ ସମ୍ପତ୍ତିକୁ ବ୍ୟବହାର କରିବା ପାଇଁ ସୁଯୋଗ ଉନ୍ମୁକ୍ତ କରିବା ହେଉଛି ନୂତନ ବିସ୍ଥାପନ ନୀତିର ଏକ ସୁଦୃଶ୍ୟ ଜନବିରୋଧି ବୈଶିଷ୍ଟ୍ୟ ।**

**୩୪.** ସମସ୍ତେ ଜାଣିଛନ୍ତି ଯେ, କେନ୍ଦ୍ରସରକାରଙ୍କ ଦ୍ୱାରା ୩ ବର୍ଷ ପୂର୍ବେ 'ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କ ପାଇଁ ଜାତୀୟ ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୩' ଘୋଷିତ ହୋଇସାରିଛି । ଏହି ଜାତୀୟ ନୀତିର ଧାରା ୧.୬ରେ କୁହାଯାଇଛି ଯେ, ଯଦି କୌଣସି ରାଜ୍ୟ ତାଙ୍କ ପ୍ୟାକେଜ୍‌ରେ ଏହାଠାରୁ ଅଧିକ ପୁନର୍ବାସ ଓ ପୁନଃସଂସ୍ଥାନ ସୁଯୋଗ ପ୍ରଦାନ କରୁଥାଆନ୍ତି, ତେବେ ତାହା କାର୍ଯ୍ୟକାରୀ ହୋଇପାରେ । ଅର୍ଥାତ୍ ଜାତୀୟ ନୀତିଠାରୁ ସମ୍ପୃକ୍ତ ରାଜ୍ୟର ପ୍ୟାକେଜ୍ କମ୍ ହୋଇଥିଲେ ତାହା ଗ୍ରହଣୀୟ ହୋଇପାରିବନି, ବରଂ ସେପରି ସ୍ଥଳେ ଜାତୀୟ ନୀତି ହିଁ କାଏମ୍ ରହିବ । ବର୍ତ୍ତମାନ  ପ୍ରଶ୍ନ ଉଠୁଛି, ଓଡ଼ିଶା ନୀତି ଜାତୀୟ ନୀତି ତୁଳନାରେ ବିସ୍ଥାପିତ ପରିବାରମାନଙ୍କୁ ଅଧିକ ସୁବିଧାସୁଯୋଗ ଦେଉଛି କି ନାହିଁ ? **ପ୍ରଥମତଃ,** ଜାତୀୟ ନୀତିରେ ଉଭୟ 'ବିସ୍ଥାପିତ ପରିବାର' ଓ 'ପ୍ରଭାବିତ ପରିବାର'ର ସଂଜ୍ଞା ଦିଆଯାଇ ଜମି, ବାସସ୍ଥାନ, ଅନ୍ୟାନ୍ୟ ସମ୍ପତ୍ତି, ଜୀବିକା, ପେଷା ଓ ବ୍ୟବସାୟ ଇତ୍ୟାଦି ହରାଇବା ବା କ୍ଷତିଗ୍ରସ୍ଥ ହେଉଥିବା କାରଣଗୁଡ଼ିକୁ ପୁନର୍ବାସ ଓ ପୁନଃସଂସ୍ଥାନ ଦୃଷ୍ଟିରୁ ବିଚାରକୁ ନିଆଯିବ ବୋଲି ବ୍ୟବସ୍ଥା [ଦ୍ରଷ୍ଟବ୍ୟ : ଜାତୀୟ ନୀତି ଧାରା ୩(୧) ଆଇ. ଏବଂ କ୍ୟୁ.] ରଖାଯାଇଥିବା ବେଳେ ଓଡ଼ିଶା ନୀତିରେ 'ବିସ୍ଥାପିତ ପରିବାର'ର ଏକ ଅଦ୍ଭୁତ ସଂଜ୍ଞା ଦିଆଯାଇ କେବଳ ଯେଉଁମାନେ ଘରଡ଼ିହ ହରାଉଥିବେ, ସେମାନଙ୍କୁ ହିଁ ଥଇଥାନର ସୁବିଧା ମିଳିବ ବୋଲି କୁହାଯାଇଛି [ଦ୍ରଷ୍ଟବ୍ୟ-ରାଜ୍ୟ ନୀତି : ଧାରା ୨(ଡ଼ି)] । **ଦ୍ୱିତୀୟତଃ,** ଜାତୀୟ ନୀତିରେ ଜମି ଅଧିଗ୍ରହଣ ପାଇଁ ପ୍ରଥମ ନୋଟିସ୍ ଗେଜେଟ୍‌ରେ ପ୍ରକାଶ ପାଇବା ସହ ୨ଟି 'ସମ୍ବାଦପତ୍ର' ଏବଂ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରଭାବିତ ଅଞ୍ଚଳର ମୁଖ୍ୟସ୍ଥାନ ମାନଙ୍କରେ ଘୋଷଣା କରାଯିବାର ବ୍ୟବସ୍ଥା [ଦ୍ରଷ୍ଟବ୍ୟ ଧରା ୫ (୧୦୨)] ଥିବାବେଳେ ରାଜ୍ୟନୀତିରେ ଏହି ନୋଟିସ୍ ବିଷୟରେ ସର୍ବସାଧାରଣଙ୍କୁ ଜଣାଇବାର କୌଣସି ବ୍ୟବସ୍ଥା ନାହିଁ (ଦ୍ରଷ୍ଟବ୍ୟ ଧାରା ୪ ଏ )। **ତୃତୀୟତଃ,** ପ୍ରକଳ୍ପ-ପ୍ରଭାବିତ ଅଞ୍ଚଳରେ ସ୍ଥାୟୀଭାବେ ବସବାସ, ବ୍ୟବସାୟ ବା କୌଣସି ବୃତ୍ତି ଅବଲମ୍ବନ କରୁଥିବା, ଘରବାଡ଼ି, ଚାଷଜମି ବା ନିଯୁକ୍ତି ହରାଉଥିବା ଅଥବା ସେମାନଙ୍କର ମୁଖ୍ୟ ଜୀବିକା ସ୍ରୋତରୁ ସମ୍ପୂର୍ଣ୍ଣ ବା ଆଂଶିକଭାବେ ବିଚ୍ଛିନ୍ନ ହେଉଥିବା, କୃଷି ଓ ଅଣକୃଷି ଶ୍ରମିକଭାବେ ଜୀବିକା ନିର୍ବାହ କରୁଥିବା ତଥା ୧୯୮୦ ଜଙ୍ଗଲ ସଂରକ୍ଷଣ ଆଇନ୍ ଲାଗୁ ହେବା ଆଗରୁ ଜଙ୍ଗଲଜମିକୁ ଆୟତ୍ତ କରିଥିବା ପରିବାର ବର୍ଗ, ଯେଉଁମାନେ ଜମି ଅଧିଗ୍ରହଣ ଯୋଗୁଁ ଏସବୁକୁ ହରାଇବାକୁ ଯାଉଛନ୍ତି, ସେମାନଙ୍କ ସମ୍ବନ୍ଧରେ ବିଶଦ୍ ତଥ୍ୟ ସର୍ଭେ ରିପୋର୍ଟରେ ସ୍ଥାନିତ ହେବ ବୋଲି ବ୍ୟବସ୍ଥା (ଦ୍ରଷ୍ଟବ୍ୟ ଧାରା ୫.୪) ଥିବାବେଳେ ଓଡ଼ିଶା ନୀତିରେ କୁହାଯାଇଛି ଯେ, ବିସ୍ଥାପିତ ପରିବାରମାନଙ୍କ (କେବଳ ଘରଡ଼ିହ ହରାଉଥିବା ପରିବାର) ଉପରେ ଏକ ସାମାଜିକ-ଅର୍ଥନୈତିକ ସର୍ଭେ କରାଯିବ ଏବଂ ତାହା ପୁଣି ସେହି ପଦ୍ଧତିରେ, ଯାହାକି ସରକାର ବିନିର୍ଦ୍ଦିଷ୍ଟ କରିବେ (ଦ୍ରଷ୍ଟବ୍ୟ ଧାରା ୪) । **ଚତୁର୍ଥତଃ** ଏହି ସର୍ଭେକୁ ସମ୍ପୂର୍ଣ୍ଣ କରିବା ପାଇଁ ଜାତୀୟ ନୀତିରେ ୯୦ ଦିନ ଧାର୍ଯ୍ୟ କରାଯାଇଥିବା ବେଳେ (ଦ୍ରଷ୍ଟବ୍ୟ ଧାରା ୫.୫) ଓଡ଼ିଶା ନୀତିରେ ମାତ୍ର ୨ ମାସ ବା ୬୦ ଦିନ ସମୟ ଦିଆଯାଇଛି (ଦ୍ରଷ୍ଟବ୍ୟ ଧାରା ୪ ଏ) । **ପଞ୍ଚମତଃ,** ଉପରୋକ୍ତ ସର୍ଭେ ରିପୋର୍ଟକୁ ସର୍ବସାଧାରଣଙ୍କ ମତାମତ ଓ ପ୍ରତିବାଦ ପାଇଁ ବିଜ୍ଞପ୍ତି କରିବା ତଥା ଲୋକଙ୍କ ମତାମତ ଓ ପ୍ରତିବାଦକୁ

ବିଚାରକୁ ନେବା ପାଇଁ ଜାତୀୟ ନୀତିରେ ବ୍ୟବସ୍ଥା (ଦ୍ରଷ୍ଟବ୍ୟ ଧାରା ୫.୬ ଓ ୫.୭) ଥିବା ବେଳେ, ଓଡ଼ିଶା ନୀତିରେ ଲୋକମତ ଆହ୍ୱାନ କରିବାର କୌଣସି ବ୍ୟବସ୍ଥା ନାହିଁ, ବରଂ 'ଥଇଥାନ ଓ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି' (ଯାହାକି ସରକାରଙ୍କ ଦ୍ୱାରା ଗଠିତ)ର ଅନୁମୋଦନ ପାଇଁ ଏହି ସର୍ଭେ ରିପୋର୍ଟକୁ କେବଳ ସର୍ବସାଧାରଣଙ୍କ ଅବଗତି ପାଇଁ ପ୍ରକାଶ କରାଯିବ, ମତାମତ କିମ୍ୱା ଆପତ୍ତି ପାଇଁ ନୁହେଁ [ଦ୍ରଷ୍ଟବ୍ୟ ଧାରା ୪ (ଏ, ବି ଓ ସି)] **ଷଷ୍ଠତଃ,** ସମସ୍ତ ପ୍ରକାର ସର୍ଭେକାର୍ଯ୍ୟ ସମ୍ପୃକ୍ତ ସରକାରଙ୍କ ଦ୍ୱାରା ନିଯୁକ୍ତ ପୁନର୍ବାସ ଓ ପୁନଃସଂସ୍ଥାନ ପ୍ରଶାସକଙ୍କ ଦ୍ୱାରା ସମ୍ପାଦିତ ହେବ ବୋଲି ଜାତୀୟ ନୀତିରେ ବ୍ୟବସ୍ଥା (ଦ୍ରଷ୍ଟବ୍ୟ ଧାରା ୫) ଥିବାବେଳେ ଓଡ଼ିଶା ନୀତିରେ କୁହାଯାଇଛି ଯେ, ବିସ୍ଥାପିତ ଅଞ୍ଚଳର ସାମାଜିକ-ସାଂସ୍କୃତିକ ତଥା ଭିତ୍ତି-ସରଂଚନା ସଂବନ୍ଧୀତ ସର୍ଭେ ଜମିଅଧିଗ୍ରହଣ ପାଇଁ ନୋଟିସ୍ ଜାରି ହେବାର ୨ ମାସ ମଧ୍ୟରେ ସମ୍ପୃକ୍ତ ପ୍ରକଳ୍ପ ମାଲିକଙ୍କ ଦ୍ୱାରା ସରକାରଙ୍କ ଚିହ୍ନିତ ଏକ ବେସରକାରୀ ସଂସ୍ଥା ମାଧ୍ୟମରେ କରାଯିବ (ଦ୍ରଷ୍ଟବ୍ୟ ୪ ଇ) । ପ୍ରକଳ୍ପ ମାଲିକଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା ସର୍ଭେ କେତେଦୂର ବିସ୍ଥାପିତ ପରିବାରଙ୍କ ସ୍ୱାର୍ଥ ଓ ଅଗ୍ରାଧିକାରକୁ ପ୍ରତିଫଳନ କରିବ, ତାହା ଘୋର ସନ୍ଦେହର ବିଷୟ । **ସପ୍ତମତଃ,** ଜାତୀୟ ନୀତିରେ ଉପରୋକ୍ତ ପ୍ରଶାସକଙ୍କ ଦ୍ୱାରା ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କ ପ୍ରତିନିଧି ତଥା ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ମୁଖ୍ୟମାନଙ୍କ ସହ ପରାମର୍ଶ ଭିତ୍ତିରେ ପୁନର୍ବାସ ଓ ପୁନଃସଂସ୍ଥାନ ପାଇଁ ଚିଠା-ଯୋଜନା ପ୍ରସ୍ତୁତ ହେବ ବୋଲି ସୁସ୍ପଷ୍ଟ ନିର୍ଦ୍ଦେଶ (ଦ୍ରଷ୍ଟବ୍ୟ ଧାରା ୫.୧୪) ଥିବାବେଳେ ଓଡ଼ିଶା ନୀତିରେ କୁହାଯାଇଛି ଯେ, ଜିଲ୍ଲାପାଳ ଏହି ଚିଠା-ଯୋଜନାକୁ ପ୍ରସ୍ତୁତ କରିବେ, ବିସ୍ଥାପିତ ପରିବାରମାନଙ୍କ ପ୍ରତିନିଧିଙ୍କ ସହ ସେହି ଢଙ୍ଗରେ ପରାମର୍ଶ କରି, ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବ । **ଅଷ୍ଟମତଃ,** ଜାତୀୟ ନୀତିରେ ପୁନର୍ବାସ ଓ ପୁନଃସଂସ୍ଥାନ ଯୋଜନାରେ କି କି ବିଶଦ୍ ତଥ୍ୟମାନ ରହିବ (ଯଥା-ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କୁ କି କି ସୁବିଧା ମିଳିବ, ପୁନର୍ବାସ ପାଇଁ ଚିହ୍ନଟ ହୋଇଥିବା ଜମିର ଅବସ୍ଥିତି ଓ ପରିମାଣ, ପୁନର୍ବାସ ପାଇଁ କେଉଁକେଉଁ ମୌଳିକ ଓ ଭିତ୍ତିସଂରଚନାଗତ ସୁବିଧାମାନ ମିଳିବ, ସ୍ଥାନାନ୍ତର ପାଇଁ ସମୟ-ସାରଣୀ ଇତ୍ୟାଦି), ତାହାର ଏକ ୮ ଦଫା ତାଲିକା ଦିଆଯାଇଥିବା (ଦ୍ରଷ୍ଟବ୍ୟ ଧାରା ୫.୮) ବେଳେ, ଓଡ଼ିଶା ନୀତିରେ ଏପରି ତଥ୍ୟଭିତ୍ତିକ ଥଇଥାନ ଯୋଜନା ପ୍ରଣୟନ କରିବାର କୌଣସି ବ୍ୟବସ୍ଥା ନାହିଁ (ଦ୍ରଷ୍ଟବ୍ୟ-ଧାରା ୭) । **ନବମତଃ,** ଜଙ୍ଗଲ ସଂରକ୍ଷଣ ଆଇନ୍ ୧୯୮୦ ମସିହା ଲାଗୁହେବା ପୂର୍ବରୁ ଯେଉଁ ପରିବାରମାନେ ଜଙ୍ଗଲଜମିକୁ ଦଖଲ କରିଥିବେ, ସେମାନେ ବିସ୍ଥାପିତ ହେଲେ ସମସ୍ତ ପୁନର୍ବାସ ଓ ପୁନଃସଂସ୍ଥାନ ସୁବିଧା ପାଇବେ ବୋଲି ଜାତୀୟ ନୀତିରେ ବ୍ୟବସ୍ଥା (ଦ୍ରଷ୍ଟବ୍ୟ ଧାରା ୬.୯) ଥିବା ବେଳେ ଓଡ଼ିଶା ନୀତିରେ ଏହା ମୋଟେ ନାହିଁ । **ଦଶମତଃ** ଜଙ୍ଗଲଜାତ ଦ୍ରବ୍ୟ ଉପରେ ଆଦିବାସୀ ପରିବାରଙ୍କ ପାରମ୍ପରିକ ଅଧିକାରକୁ ସ୍ୱୀକୃତି ଦେଇ ପ୍ରତି ବିସ୍ଥାପିତ ଆଦିବାସୀ ପରିବାରକୁ ଏଥିସକାଶେ ୫୦୦ ଦିନର ସର୍ବନିମ୍ନ ମଜୁରୀ ପରିମାଣର ଅତିରିକ୍ତ ଆର୍ଥିକ ସହାୟତା ମିଳିବ ବୋଲି ଜାତୀୟ ନୀତିରେ (ଦ୍ରଷ୍ଟବ୍ୟ ଧାରା ୬.୨୧.୩) ବ୍ୟବସ୍ଥା କରାଯାଇଥିବା ବେଳେ, ଓଡ଼ିଶା ନୀତିରେ ଏପରି କିଛି ବ୍ୟବସ୍ଥା ନାହିଁ (ଦ୍ରଷ୍ଟବ୍ୟ ଧାରା ୧୨) । **ଏକାଦଶତଃ,** ପ୍ରତି କୃଷି ଶ୍ରମିକ ବା ଅଣକୃଷି ଶ୍ରମିକ ପରିବାର ଯଦି ବିସ୍ଥାପିତ ହୁଅନ୍ତି, ତେବେ ତାଙ୍କୁ ୬୨୫ ଦିନର ସର୍ବନିମ୍ନ ମଜୁରୀ ପରିମାଣର ଏକକାଳୀନ ନଗଦ ଅର୍ଥର ସହାୟତା ଦିଆଯିବ ବୋଲି ଜାତୀୟ ନୀତିରେ (ଦ୍ରଷ୍ଟବ୍ୟ ଧାରା ୬.୧୪) କୁହାଯାଇଥିବା ବେଳେ, ଓଡ଼ିଶା ନୀତିରେ ଏପରି କୌଣସି ବ୍ୟବସ୍ଥା ରଖାଯାଇ ନାହିଁ । **ଦ୍ୱାଦଶତଃ,** ପ୍ରକଳ୍ପ-ନିର୍ବିଶେଷରେ ଜମି ହରାଇଥିବା ପ୍ରତି ବିସ୍ଥାପିତ ପରିବାରଙ୍କୁ ଏକ ହେକ୍ଟର (ପ୍ରାୟ ଅଢ଼େଇ ଏକର) ଜଳସେଚିତ ଜମି ବା ୨ ହେକ୍ଟର (ପ୍ରାୟ ୫ ଏକର) ଅଣଜଳସେଚିତ ଜମି ଯୋଗାଇ ଦେବାର ବ୍ୟବସ୍ଥା ଜାତୀୟ ନୀତି (ଦ୍ରଷ୍ଟବ୍ୟ ଧାରା ୬.୪)ରେ ଥିବା ବେଳେ ଓଡ଼ିଶା ନୀତିରେ କେବଳ ଜଳସେଚନ/ଅଭୟାରଣ୍ୟ ପ୍ରକଳ୍ପକୁ ବାଦଦେଲେ ଅନ୍ୟକୌଣସି ପ୍ରକଳ୍ପରେ ଚାଷଜମି ଦେବାର ବ୍ୟବସ୍ଥା ନାହିଁ । ପୁଣି ଜଳସେଚନ/ଅଭୟାରଣ୍ୟ ପ୍ରକଳ୍ପରେ ସାଧାରଣ ବିସ୍ଥାପିତ ପରିବାରଙ୍କୁ

ମାତ୍ର ୨ ଏକର ଜଳସେଚିତ ବା ୪ ଏକର ଅଣଜଳସେଚିତ ଜମି ଯୋଗାଇଦେବାର ବ୍ୟବସ୍ଥା ଓଡ଼ିଶା ନୀତି [ଦ୍ରଷ୍ଟବ୍ୟ ଧାରା ୮(୩ସି)] ରେ କରାଯାଇଛି । **ତ୍ରୟୋଦଶତଃ,** ଯେଉଁ ପରିବାରମାନଙ୍କୁ ପତିତ ଜମି ଦିଆଯିବ, ସେମାନଙ୍କୁ ଜମି ଉନ୍ନୟନ ବାବଦରେ ହେକ୍ଟର ପିଛା ୧୦ ହଜାର ଟଙ୍କାର ଅତିରିକ୍ତ ସାହାଯ୍ୟ, ଏବଂ ଯେଉଁ ପରିବାରମାନଙ୍କୁ କୃଷିଜମି ଦିଆଯିବ, ସେମାନଙ୍କୁ ପରିବାର ପିଛା କୃଷି ଉତ୍ପାଦନ ବାବଦ ଅତିରିକ୍ତ ୫ ହଜାର ଟଙ୍କାର ଏକକାଳୀନ ଅର୍ଥସାହାଯ୍ୟ ଦିଆଯିବ ବୋଲି ଜାତୀୟ ନୀତିରେ (ଦ୍ରଷ୍ଟବ୍ୟ ଧାରା ୬.୭) ବ୍ୟବସ୍ଥା କରାଯାଇଛି; ଅଥଚ ଓଡ଼ିଶା ନୀତିରେ ଏପରି କୌଣସି ବ୍ୟବସ୍ଥା ନାହିଁ । **ଚତୁର୍ଦ୍ଦଶତଃ,** ଯେଉଁ ବିସ୍ଥାପିତ ଆଦିବାସୀ ପରିବାରଙ୍କୁ ଜିଲ୍ଲା ବା ତାଲୁକା (ତହସିଲ) ବାହାରେ ପୁନର୍ବସତି ଯୋଗାଇ ଦିଆଯିବ ତାଙ୍କୁ ମୋଟ ପୁନର୍ବାସ ଓ ପୁନଃସଂସ୍ଥାନ ପ୍ରାପ୍ୟର ୨୫ ଶତାଂଶ ଅତିରିକ୍ତ ସାହାଯ୍ୟ ମିଳିବ ବୋଲି ଜାତୀୟ ନୀତିରେ ବ୍ୟବସ୍ଥା (ଦ୍ରଷ୍ଟବ୍ୟ ଧାରା ୬.୨୧.୬) ଥିବା ବେଳେ ଓଡ଼ିଶା ନୀତିରେ କେବଳ ଜିଲ୍ଲା ବାହାରେ ପୁନର୍ବାସ ପାଇଁ ଏହା ପ୍ରଯୁଜ୍ୟ ହେବ (ଦ୍ରଷ୍ଟବ୍ୟ ଧାରା ୧୨ ଡ଼ି) । **ପଞ୍ଚଦଶତଃ,** ଆଦିବାସୀଙ୍କ ଜମିକୁ ବେଆଇନ୍ ଭାବେ ହସ୍ତଗତ କରିଥିବା ବ୍ୟକ୍ତିମାନଙ୍କୁ କୌଣସି ପୁନର୍ବାସ ଓ ପୁନଃସଂସ୍ଥାନ ସୁବିଧା ମିଳିବ ନାହିଁ ଏବଂ ଏସବୁ ସୁବିଧା କେବଳ ମୂଳ ଜମିମାଲିକ ଆଦିବାସୀ ପରିବାରକୁ ମିଳିବ ବୋଲି ଜାତୀୟ ନୀତି (ଦ୍ରଷ୍ଟବ୍ୟ ଧାରା ୬.୨୧.୭)ରେ ବ୍ୟବସ୍ଥା ଥିବା ବେଳେ ଓଡ଼ିଶା ନୀତିରେ ଏପରି କୌଣସି ବ୍ୟବସ୍ଥା ନାହିଁ । **ଷୋଡ଼ଶତଃ,** ପ୍ରତି ବିସ୍ଥାପିତ ପରିବାରକୁ ନିଜର ଗୃହସାମଗ୍ରୀ, ଆସବାବପତ୍ର ଓ ପଶୁସମ୍ପଦ ଇତ୍ୟାଦିକୁ ପରିବହନ ବାବଦ ୫ ହଜାର ଟଙ୍କା ମିଳିବ ବୋଲି ଜାତୀୟ ନୀତି (ଦ୍ରଷ୍ଟବ୍ୟ ଧାରା ୬.୧)ରେ ବ୍ୟବସ୍ଥା କରାଯାଇଥିବା ବେଳେ, ଓଡ଼ିଶା ନୀତିରେ କୁହାଯାଇଛି ଯେ, ପ୍ରକଳ୍ପ କର୍ତ୍ତୃପକ୍ଷ ଏହି ପରିବହନ ବ୍ୟବସ୍ଥା କରିବେ, ନଚେତ୍ ୨ ହଜାର ଟଙ୍କା ଦେବେ (ଦ୍ରଷ୍ଟବ୍ୟ ଧାରା ୧୦ ସି) । **ସପ୍ତଦଶତଃ,** ପ୍ରତି କାରୀଗର ବା ବ୍ୟବସାୟୀ ପରିବାରକୁ ନିଜର ଦୋକାନ ବା ବ୍ୟବସାୟିକ ସଂସ୍ଥା ନିର୍ମାଣ ବାବଦ ୧୦ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ଜାତୀୟ ନୀତି (ଦ୍ରଷ୍ଟବ୍ୟ ଧାରା ୬.୧୦)ରେ ଥିବା ବେଳେ, ଓଡ଼ିଶା ନୀତିରେ କେବଳ କୁହାଯାଇଛି ଯେ, ପ୍ରଳକ୍ପ କର୍ତ୍ତୃପକ୍ଷ ଏସବୁକୁ ନିର୍ମାଣ କରିବେ ଓ ଜିଲ୍ଲାପାଳ ଆବଣ୍ଟନ କରିବେ । **ଅଷ୍ଟାଦଶତଃ,** ପୁନର୍ବସତି ଅଞ୍ଚଳରେ ପାନୀୟଜଳ, ବିଜୁଳି, ସ୍କୁଲ, ଡାକ୍ତରଖାନା ଏବଂ ଗମନାଗମନ ସୁବିଧା ଇତ୍ୟାଦି ରହିବା ଆବଶ୍ୟକ ବୋଲି ଜାତୀୟ ନୀତିରେ (ଦ୍ରଷ୍ଟବ୍ୟ ଧାରା ୬.୨୨.୨) ସୂଚିତ ହୋଇଥିବା ବେଳେ, ଓଡ଼ିଶା ନୀତିରେ ଏପରି କୌଣସି ସୁନିର୍ଦ୍ଦିଷ୍ଟ ସୁବିଧାସୁଯୋଗର ଅବତାରଣା କରାଯାଇନି । **ଊନବିଂଶତଃ,** ପୁନର୍ବାସ ଓ ପନୁଃସଂସ୍ଥାନର ସମସ୍ତ ବ୍ୟୟ ପ୍ରକଳ୍ପ ଅଟକଳର ଅଂଶବିଶେଷ ରୂପେ ଆକଳିତ ହେବ ତଥା ଏଥିପାଇଁ ଜମି ଚାହୁଁଥିବା ପ୍ରକଳ୍ପ କର୍ତ୍ତୃପକ୍ଷ ପର୍ଯ୍ୟାପ୍ତ ପରିମାଣର ଅର୍ଥ ସରକାରଙ୍କ ଦ୍ୱାରା ନିଯୁକ୍ତ ସମ୍ପୃକ୍ତ ପ୍ରଶାସକଙ୍କ ନିକଟରେ ଜମା କରିବେ ବୋଲି ଜାତୀୟ ନୀତିରେ (ଦ୍ରଷ୍ଟବ୍ୟ ଧାରା ୫.୧୫ ଓ ୫.୧୬) ସୁସ୍ପଷ୍ଟ ବ୍ୟବସ୍ଥା ଥିବା ବେଳେ, ଓଡ଼ିଶା ନୀତିରେ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ମର୍ଜି ଉପରେ ଅନେକ ବ୍ୟାପାର (ଯଥା-ନିଯୁକ୍ତି ପ୍ରତିବଦଳରେ ଆର୍ଥିକ ସହାୟତା, ଆତ୍ମ-ନିଯୁକ୍ତି ତାଲିମ୍, ଗୃହନିର୍ମାଣ ସାହାଯ୍ୟ, ଦୋକାନ ନିର୍ମାଣ, ସ୍ଥାନାନ୍ତର ପାଇଁ ପରିବହନ ଓ ଜମି ରେଜିଷ୍ଟ୍ରେସନ୍ ଇତ୍ୟାଦି) ଛାଡ଼ି ଦିଆଯାଇଛି । **ବିଂଶତଃ,** ବିସ୍ଥାପିତ ପରିବାରମାନଙ୍କ ଆପତ୍ତି-ଅଭିଯୋଗର ଫଇସଲା ପାଇଁ ପୁନର୍ବାସ ଓ ପୁନଃସଂସ୍ଥାନ କମିଶନର୍ ନାମକ ଏକ ସ୍ୱତନ୍ତ୍ର ସଂସ୍ଥାର ଅଧକ୍ଷତାରେ ଅଭିଯୋଗ କୋଷ ଗଠିତ ହେବ, ଯେ କି ସମ୍ପୃକ୍ତ ପ୍ରଶାସକଙ୍କ ନିଷ୍ପତ୍ତି ବିରୁଦ୍ଧରେ ନିର୍ଦ୍ଦେଶ ଦେଇପାରିବେ ବୋଲି ଜାତୀୟ ନୀତିରେ (ଦ୍ରଷ୍ଟବ୍ୟ ଧାରା ୭.୨) ରେ ବ୍ୟବସ୍ଥା ରହିଛି; ଅଥଚ ଓଡ଼ିଶା ନୀତିରେ ଜମି ଅଧିଗ୍ରହଣକାରୀ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ହିଁ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ଶୁଣିବା ଓ ଫଇସଲା କରିବାର କ୍ଷମତା ଦିଆଯାଇଛି (ଦ୍ରଷ୍ଟବ୍ୟ ଧାରା ୨୦ ଓ ୨୨) ।

ଉପରୋକ୍ତ ତୁଳନାତ୍ମକ ସମୀକ୍ଷାରୁ ଏହା ସ୍ପଷ୍ଟଭାବେ ପ୍ରମାଣିତ ହୁଏ ଯେ, ଓଡ଼ିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୬ ଜାତୀୟ ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୩ ତୁଳନାରେ ପ୍ରକଳ୍ପ-ବିସ୍ଥାପିତ ଓ ପ୍ରଭାବିତ ପରିବାରମାନଙ୍କୁ ଅତ୍ୟନ୍ତ ନିମ୍ନମାନର ଓ ଅନିଶ୍ଚୟତାର ପ୍ୟାକେଜ୍ ଦେଉଛି । ତେଣୁ ଜାତୀୟ ନୀତିର ଧାରା ୧.୬ ଅନୁଯାୟୀ ଓଡ଼ିଶା ନୀତି ତା'ର ବୈଧାନିକ ପ୍ରଯୁଜ୍ୟତା ହରାଇ ବସିଛି ।

**୩୫.** ସମସ୍ତେ ଜାଣିଛନ୍ତି, ଆମ ସମ୍ବିଧାନର ଧାରା '୩୦୦ ଏ'ରେ କୁହାଯାଇଛି ଯେ, ''ଆଇନ୍‌ର କର୍ତ୍ତୃତ୍ୱ ବିନା କୌଣସି ବ୍ୟକ୍ତିଙ୍କୁ ତାଙ୍କ ସମ୍ପତ୍ତିରୁ ବଞ୍ଚିତ କରାଯାଇ ପାରିବନି'', ଏବଂ ପୁଣି ସମ୍ବିଧାନର ଧାରା '୩୧ଏ'ର ପରନ୍ତୁକରେ କୁହାଯାଇଛି ଯେ, କୌଣସି ବ୍ୟକ୍ତିର କୃଷି ଜମିକୁ ବା ଏହା ଉପରେ ନିର୍ମିତ କୌଣସି ଗୃହ ବା ସଂରଚନାକୁ ବଜାର ମୂଲ୍ୟ ଠାରୁ କମ୍ ପରିମାଣର କ୍ଷତିପୂରଣ ଦେଇ ରାଜ୍ୟ ସରକାର କାହାଠାରୁ ଦଖଲ କରିପାରିବେନି । ରାଷ୍ଟ୍ରଦ୍ୱାରା ଜମି ଅଧିଗ୍ରହଣ ସମ୍ପର୍କରେ ବର୍ତ୍ତମାନ ବଳବତ୍ତର ଥିବା ଆଇନ୍‌ଟି ହେଲା ଜମି ଅଧିଗ୍ରହଣ ଆଇନ୍ ୧୮୯୪ । ଏହି ଆଇନ୍‌ର ଧାରା ୨୩ ଅନୁଯାୟୀ ଅଧିଗୃହୀତ ଜମିର କ୍ଷତିପୂରଣ ପାଇଁ ସମ୍ପୃକ୍ତ ଜମିମାଲିକ ବଜାର ମୂଲ୍ୟ ସମେତ ୫ ପ୍ରକାର ଅତିରିକ୍ତ ପ୍ରାପ୍ୟ ତଥା ଗୋଟିଏ ଏକ-କାଳୀନ ସାନୁଗ୍ରହ ଅର୍ଥ ସରକାରଙ୍କ ପାଖରେ ଦାବୀ କରିପାରିବ । ଆମେ କିନ୍ତୁ ଉପରୋକ୍ତ ବିଶ୍ଳେଷଣରୁ ଦେଖିଲୁ ଯେ, ଓଡ଼ିଶା ସରକାର ଘୋଷଣା କରିଥିବା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି - ୨୦୦୬ ଉଭୟ ସମ୍ବିଧାନ ଓ ଜମି ଅଧିଗ୍ରହଣ ଆଇନ୍ ୧୮୯୪ର ବିଧିବ୍ୟବସ୍ଥାକୁ ନଗ୍ନଭାବେ ଉଲ୍ଲଙ୍ଘନ କରୁଛି । ଏହାଛଡ଼ା ଆମେ ପୁଣି ଲକ୍ଷ୍ୟ କରିଛେ ଯେ, କେନ୍ଦ୍ର ସରକାର ଘୋଷଣା କରିଥିବା ଜାତୀୟ ପୁନର୍ବାସ ଓ ପୁନଃ ସଂସ୍ଥାନ ନୀତି-୨୦୦୬ ତୁଳନାରେ ଓଡ଼ିଶା ନୀତି ବିସ୍ଥାପିତ ଲୋକଙ୍କ ପାଇଁ ଅତ୍ୟନ୍ତ ନଗଣ୍ୟ ସୁବିଧାସୁଯୋଗର ବ୍ୟବସ୍ଥା କରିଛି, ଯେଉଁଥିପାଇଁ କି ଜାତୀୟ ନୀତିର ଧାରା ୧.୬ ଅନୁଯାୟୀ ଓଡ଼ିଶା ନୀତି ତା'ର ବୈଧାନିକ ପ୍ରଯୁଜ୍ୟତା ଆପେ ଆପେ ହରାଇ ବସିଛି । ସୁତରାଂ ଗୋଟିଏ କଥାରେ କହିଲେ, ଓଡ଼ିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୬ ଏକାଧାରରେ ସମ୍ବିଧାନ, ପ୍ରଚଳିତ ଆଇନ୍ ଓ ଜାତୀୟ ନୀତିର ପରିପନ୍ଥୀ ଓ ସେହି କାରଣରୁ ସର୍ବାଦୌ ବର୍ଜନୀୟ ।

**ଉପରୋକ୍ତ ଆଲୋଚନାରୁ ଜଣାପଡୁଛି ଯେ, ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୬ର ବିଭିନ୍ନ ଦିଗକୁ କେନ୍ଦ୍ରକରି ଆମମାନଙ୍କ ଭଳି ରାଜ୍ୟର ବିଭିନ୍ନ ସ୍ଥାନର ସର୍ବସାଧାରଣଙ୍କ ଭିତରେ ବିଭିନ୍ନ ପ୍ରକାର ସଂଶୟ ଓ ଆଶଙ୍କା ଦେଖାଯିବା ସ୍ୱାଭାବିକ । ଏବଂ ଆମର ମନେ ହୁଏ, ଏହି ନୀତିଟିକୁ ପ୍ରଣୟନ କଲାବେଳେ ଅତୀତର ବିସ୍ଥାପିତ ଗୋଷ୍ଠୀ କିମ୍ବା ବର୍ତ୍ତମାନର ପ୍ରସ୍ତାବିତ ପ୍ରକଳ୍ପଗୁଡିକ ଦ୍ୱାରା ବିସ୍ଥାପିତ ହେବାକୁ ଯାଉଥିବା ଲୋକମାନଙ୍କ ମତାମତ ନିଆ ଯାଇନାହିଁ, ଏବଂ ଅନ୍ୟପକ୍ଷରେ ମୁଷ୍ଟିମେୟ କିଛି ଅମଲାମାନଙ୍କ ଦ୍ୱାରା ମନମୁଖୀ ଢଙ୍ଗରେ କେବଳ ଦେଶୀବିଦେଶୀ ଘରୋଇ କମ୍ପାନୀମାନଙ୍କୁ ସୁହାଇବା ପାଇଁ ଏହାକୁ ତିଆରି କରାଯାଇ ଏଥିରେ 'ଓଡିଶା ଶାସନ'ର ମୋହର ଲଗାଯାଇଛି । ସୁତରାଂ ଏହି ଅବୈଧାନିକ ଓ ଜନବିରୋଧି ବିସ୍ଥାପନ ନୀତିକୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାହାର କରି ଉଭୟ ଅତୀତର ବିସ୍ଥାପିତ ଓ ବର୍ତ୍ତମାନ ସମ୍ଭାବ୍ୟ ବିସ୍ଥାପିତ ମାନଙ୍କ ସମେତ ରାଜ୍ୟର ସର୍ବସାଧାରଣଙ୍କୁ ଜଡିତ କରି ଏକ ଯଥାର୍ଥ ଓ ବ୍ୟାପକ ଜନବିତର୍କ ଭିତ୍ତିରେ ଗୋଟିଏ ଲୋକାଭିମୁଖୀ ପୁନର୍ବାସ ଓ ପୁନଃସଂସ୍ଥାନ ନୀତି ପ୍ରଣୟନ କରାଯାଉ ।**

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ

ଦେବଗଡ଼ ବାସଚ୍ୟୁତ ସୁରକ୍ଷା ମଞ୍ଚ ତରଫରୁ